ଧରିତ୍ରୀ
DHARITRI
October 21- 27, 2018 ₹ 2/-

# ଛୁଟିଦିନ

# ଉପକୂଳ ଦେବୀପୀଠ



୩ ପ୍ରଚ୍ଛଦ ପ୍ରସଙ୍ଗ

ମାତୃଶକ୍ତି ହିଁ ସୃଷ୍ଟି, ସ୍ଥିତି ଓ ପ୍ରଳୟର ମୂଳଉତ୍ସ। ମା'ଙ୍କୁ ନେଇ ଅନେକ ରହସ୍ୟ ରୋମାଞ୍ଚକର କାହାଣୀର ଅନ୍ତନାହିଁ। ବିଭିନ୍ନ ଦେବୀପୀଠରେ ଧର୍ମବିଶ୍ୱାସକୁ ନେଇ ଲୋକଙ୍କ ସାମାଜିକ ଚଳଣି ଯୋଡ଼ିହୋଇ ରହିଥିବାର ଦେଖିବାକୁ ମିଳେ। ତେବେ ଓଡ଼ିଶାରେ ରହିଛି ଅନେକ ଦେବୀପୀଠ । ମାତ୍ର ଉପକୂଳ ଅଞ୍ଚଳରେ ପ୍ରସିଦ୍ଧିଲାଭ କରିଥିବା କେତେକ ଦେବୀପୀଠ ସମ୍ପର୍କରେ.....



୮/୯ ସିନେମା



୧୩ ସହରଠୁ ଦୂର

# ରାଶି ଅନୁଯାୟୀ ବୃତ୍ତି



ମେଷ: ଏହି ରାଶିର ବ୍ୟକ୍ତିମାନେ ସାଧାରଣତଃ ସାହସୀ ଏବଂ ବୀର ସ୍ୱଭାବର ହୋଇଥାନ୍ତି। ତେଣୁ ଏହି ରାଶିର ବ୍ୟକ୍ତିଙ୍କ ପାଇଁ ପୋଲିସ, ସୈନ୍ୟ ତଥା ସୁରକ୍ଷାକର୍ମୀ ବୃତ୍ତି ଗ୍ରହଣ କରିବା ଲାଭପ୍ରଦ ହୋଇଥାଏ।

ବୃଷ: ଏମାନେ ସର୍ବଦା କାର୍ଯ୍ୟ କରିବାରେ ଶୃଙ୍ଖଳିତ ଏବଂ ଆନ୍ତରୀକ ଭାବ ପ୍ରକାଶ କରିଥାନ୍ତି। ଏମାନଙ୍କଠାରେ ସୃଜନଶୀଳ ଦକ୍ଷତା ବହୁମାତ୍ରାରେ ଭରି ରହିଥାଏ। ତେଣୁ ଏହି ରାଶିର ବ୍ୟକ୍ତିମାନଙ୍କୁ ଫ୍ୟାଶନ ଡିଜାଇନିଂ, ସିନେମାଟୋଗ୍ରାଫି, ପେଣ୍ଟର ଆଦି ବୃତ୍ତି ବେଶ ସୁହାଇଥାଏ।

ମିଥୁନ: ଏହି ରାଶିର ବ୍ୟକ୍ତିମାନେ ସୃଜନାତ୍ମକ ହେବା ସହ ମେଳାପି ସ୍ୱଭାବର ହୋଇଥାନ୍ତି। ଲୋକଙ୍କ ସହ ଯୋଗାଯୋଗ ରକ୍ଷା କରିବାରେ ମାହିରଥିବା ଏହି ବ୍ୟକ୍ତିମାନେ ସାମ୍ବାଦିକତା, ଲେଖକ, ଗୀତିକାର ଆଦି ବୃତ୍ତି ଗ୍ରହଣ କରିବା ଆବଶ୍ୟକ।

କର୍କଟ: ଏହି ରାଶିର ବ୍ୟକ୍ତିମାନେ ଅନ୍ୟକୁ ସାହାଯ୍ୟ ସହଯୋଗ କରିବାକୁ ବିଶେଷ ଭଲପା'ନ୍ତି। ତେଣୁ ଏହି ବ୍ୟକ୍ତିମାନେ ସମାଜ ସେବା କାର୍ଯ୍ୟ ଯଥା ଶିକ୍ଷକତା, ଡାକ୍ତରୀ ଆଦି ବୃତ୍ତିକୁ ଆପଣେଇବା ଦ୍ୱାରା ସଫଳତା ପାଇଥାନ୍ତି।

ସିଂହ: ସିଂହ ରାଶି ସର୍ବଦା ଶକ୍ତି, ସାହସୀକତା ଏବଂ ନେତୃତ୍ୱ ଗୁଣକୁ ଦର୍ଶାଇ ଥାଏ। ତେଣୁ ଏହି ରାଶିର ବ୍ୟକ୍ତି ରାଜନୀତି ବା ଚାରିଟେବୁଲ ଟ୍ରଷ୍ଟ ଜନୀତ କାର୍ଯ୍ୟ କରିବା ଦ୍ୱାରା ସଫଳତା ପାଇଥାନ୍ତି।

କନ୍ୟା: ଏହି ରାଶିର ବ୍ୟକ୍ତିମାନେ ଶୃଙ୍ଖଳିତ ଏବଂ ସୁବ୍ୟବସ୍ଥିତ ବ୍ୟକ୍ତି ସଂପନ୍ନ ହୋଇଥାନ୍ତି। ତେଣୁ ଏହି ବ୍ୟକ୍ତିମାନେ ବ୍ୟାଙ୍କିଂ, ଆକାଉଣ୍ଟିଂ, ଗବେଷଣା ଆଦି କ୍ଷେତ୍ରରେ ବୃତ୍ତି ଚୟନ କରିବା ଉଚିତ। (କ୍ରମଶଃ......)

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୨୧-୨୭

**ମେଷ**: ଲାଭ, ଆର୍ଥିକ ଉନ୍ନତି, ମିତ୍ରବନ୍ଧୁ ସମାଗମ, ଯାତ୍ରାରେ ଲକ୍ଷ୍ୟ ପୂରଣ, କଳା, କ୍ରୀଡ଼ା ସାହିତ୍ୟରେ ସମସ୍ୟା ସମାଧାନ, ବୁଝାମଣାରେ ଅଗ୍ରଗତି, ପରିବହନରେ ଝଗଡ଼ା, ଯାନବାହନ, ନିର୍ମାଣରୁ ସୁଫଳ ପାଇବେ।

**ବୃଷ**: ବିବାଦଗ୍ରସ୍ତ ହୋଇପାରନ୍ତି, ମୂଲ୍ୟବାନ୍ ଦ୍ରବ୍ୟ ଲାଭ। ମନୋରଂଜନ କାର୍ଯ୍ୟରେ ରୁଚି। ଦୂରଯାତ୍ରାରେ ପ୍ରତିବନ୍ଧକ, ଭ୍ରାତୃ ସମ୍ପର୍କହାନି, ଋଣମୁକ୍ତ ହେବେ, ଶତ୍ରୁତାର ଅବସାନ, କର୍ମକ୍ଷେତ୍ରରେ ଚାପ ବୃଦ୍ଧି।

**ମିଥୁନ**: ମିତ୍ରତା ବୃଦ୍ଧି, ମାଲି ମକଦ୍ଦମାରେ ବିଜୟ, ବିବାଦରେ ଆପୋସ ସମାଧାନ, ତିର୍ଥାଟନ। ପାରିବାରିକ ସ୍ଥିତିରେ ଅବନତି, ସାମାଜିକ ସମ୍ମାନ, ସାମ୍ବାଦିକତାରେ ଗୌରବ, ବ୍ୟବସାୟରେ ଲାଭ।

**କର୍କଟ**: ମନ ଅନୁଯାୟୀ କାମ, ଭୋଗ ବିଳାସ, ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କର୍ମଧାରାରେ ପରିବର୍ତ୍ତନ। ଆତ୍ମୀୟସ୍ୱଜନଙ୍କ ସାହାଯ୍ୟ, ପାରିବାରିକ ସୌଖ୍ୟ, ଶିଳ୍ପ-ବାଣିଜ୍ୟରେ ଉନ୍ନତି।

**ସିଂହ**: କର୍ମକ୍ଷେତ୍ରରେ ପ୍ରତିଷ୍ଠା, ଅର୍ଥ ସଂକଟ, ବନ୍ଧୁ ବିରୋଧ, ପାରିବାରିକ ଭୁଲ୍ ବୁଝାମଣା, କଚେରି ମାମଲାରେ ସଫଳତା, ଯାନ୍ତ୍ରିକ ଜିନିଷରେ ତ୍ରୁଟି, ନୂତନ ସ୍ଥାନ ପରିଦର୍ଶନର ସୁଯୋଗ।

**କନ୍ୟା**: ନୂତନ ଯୋଜନା, ସହକର୍ମୀଙ୍କ ପ୍ରେରଣା, ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟରେ କ୍ଷତିର ଆଶଙ୍କା, ପୂର୍ବପ୍ରସ୍ତୁତିରେ ବ୍ୟତିକ୍ରମ, ସ୍ଥିତି ବଦଳିଯିବ, ଶୁଭ ଖବର ପାଇବେ, ମୂଲ୍ୟବାନ୍ ଦ୍ରବ୍ୟଲାଭ।

**ତୁଳା**: କାର୍ଯ୍ୟ ସାଧନ କରିବେ, ମାନସିକ ଚାପ ବଢ଼ିବ, ପରୋକ୍ଷ ଶତ୍ରୁତା, କରଜ କରିପାରନ୍ତି, ମଧ୍ୟସ୍ଥତାରୁ ଅଶାନ୍ତି, ପାରିବାରିକ ତିକ୍ତତା, ଭୂ-ସଂପତ୍ତିଜନିତ କଳହ, ବନ୍ଧୁଙ୍କ ସାନ୍ତ୍ୱନା, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା।

**ବିଛା**: ଆଶା ପୂରଣ, ନୂତନ ମୈତ୍ରୀ, ସଭାସମିତିକୁ ନିମନ୍ତ୍ରଣ, ବୁଦ୍ଧିଜୀବୀଙ୍କ ପ୍ରଶଂସା, ବନ୍ଧୁଙ୍କୁ ହାତ ପାତିବେ, ଯାତ୍ରା ସ୍ଥଗିତ ହେବ, ଅଶୌଚ ଖବରରୁ ଦୁଶ୍ଚିନ୍ତା, ନଷ୍ଟଦ୍ରବ୍ୟ ପ୍ରାପ୍ତି, କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ସନ୍ତାନବତ୍ସଳ ହେବେ।

**ଧନୁ**: ମାନସିକ ଅବସାଦ, ପ୍ରତିରୋଧରୁ କର୍ମହାନି, ଅର୍ଥପ୍ରାପ୍ତିରେ ବିଳମ୍ବ, ସମୟାନୁବର୍ତ୍ତିରୁ ପ୍ରଶଂସା, ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି, ରାଜନୈତିକ ପୃଷ୍ଠପୋଷକତା, ନୂତନ ଯାନବାହନ ଲାଭ, ବିଦେଶଯାତ୍ରାର ସୁଯୋଗ।


**ମକର**: ଟେନ୍‌ସନ କମିଯିବ, ଉଚ୍ଚ ଚିନ୍ତା କରିବେ, କାର୍ଯ୍ୟ ସାଧନ, ବିବାଦରେ ବିଜୟ, ଉଚ୍ଚବର୍ଗଙ୍କ ସହାୟତା, ବ୍ୟବସାୟରେ ଲାଭ। ଶତ୍ରୁତାର ଅବସାନ, ମନୋରଞ୍ଜନର ମଉକା, ଆନୁଷ୍ଠାନିକ କାମରେ ଯୋଗଦାନ।

**କୁମ୍ଭ**: ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ସାହାଯ୍ୟ, କାର୍ଯ୍ୟରେ ଅଗ୍ରଗତି, ପାରିବାରିକ ଶାନ୍ତି, ନୂତନ ସମ୍ପର୍କ ସୃଷ୍ଟି, ପରିଭ୍ରମଣର ସୁଯୋଗ, କଳାପ୍ରିୟ ହେବେ, କାର୍ଯ୍ୟ ଦକ୍ଷତା ବଢ଼ିବ, ସାମାଜିକ ସମ୍ମାନ ମିଳିବ, ଧର୍ମକାର୍ଯ୍ୟରେ ରୁଚି, ଧାତୁ ଅଳଙ୍କାର କ୍ରୟ, ଖୋଜୁଥିବା ଜିନିଷ ମିଳିବ।

**ମୀନ**: କର୍ମରେ ଉଦାସୀନତା, ପାରିବେଶିକ କୁପ୍ରଭାବ, ସହକର୍ମୀଙ୍କ ଅସହଯୋଗ, ଆଲୋଚନା ବିଫଳ, ଭ୍ରାତୃ ସମ୍ପର୍କ ବୃଦ୍ଧି, ଶିକ୍ଷା, ପରୀକ୍ଷାରେ ସଫଳତା, ଆନୁଷ୍ଠାନିକ କାମରୁ ପ୍ରଶଂସା, ଅର୍ଥ ସଂକଟ ଦୂରହେବ।

# ଫାଇଭ୍‌ଷ୍ଟାର ଜେଲ

ଜେଲ ନାଁ ଶୁଣିଲା ମାତ୍ରେ ମନରେ ଆସେ ଏକ ଅନ୍ଧାରୁଆ କୋଠରୀ, ଅସନା ଚଟାଣ, ଚାରିପଟ ଘେରା ଏକ ବିରାଟ ପାଚେରି ଏବଂ ଏହା ଭିତରେ କଏଦୀମାନେ ବନ୍ଦି ଜୀବନ ଅତିବାହିତ କରୁଥିବାର ଦୃଶ୍ୟ। ଅସହାୟତା ଏବଂ କଟକଣା ହେଉଛି ଏଠାକାର ନିୟମ। କିନ୍ତୁ ଅଷ୍ଟ୍ରିୟାରେ ରହିଛି ଏଭଳି ଏକ ଜେଲ ଯାହା କୌଣସି ଫାଇଭ୍ ଷ୍ଟାର ହୋଟେଲଠାରୁ କମ୍ ନୁହେଁ। ଜଷ୍ଟିସ୍ ସେଣ୍ଟର ଲିୟୋବେନ୍ ନାମକ ଏହି ଜେଲରେ ୨୦୫ ଜଣ କଏଦୀଙ୍କ ରହିବା ସୁବିଧା ଅଛି। ଏଠାରେ କଏଦୀମାନଙ୍କ ପାଇଁ ଏକ ବଡ ଲିଭିଙ୍ଗ୍ ରୁମ୍, କିଚେନ, ପର୍ସନାଲ ବାଥ୍‌ରୁମ୍ ସମେତ ଜିମ୍, ଇଣ୍ଡୋର ଗେମ୍ ଏବଂ ସ୍ପା ଭଳି ଅତ୍ୟାଧୁନିକ ସୁବିଧା ମଧ୍ୟ ରହିଛି। ତେବେ ଏଠାରେ ସେହି କଏଦୀମାନେ



ରୁହନ୍ତି ଯେଉଁମାନେ ଛୋଟମୋଟ ଅପରାଧରେ ଦଣ୍ଡିତ ହୋଇଥାନ୍ତି ବା ଯେଉଁ କଏଦୀମାନେ କୋର୍ଟର କଟକଣା ହେତୁ ଜେଲ ବାହାରେ ରହିପାରିବେ ନାହିଁ।

# ପାଠକୀୟ

❖ଦୈନନ୍ଦିନ ଜୀବନରେ ନିକିତିର ଆବଶ୍ୟକତାକୁ କଦାପି ଅସ୍ୱୀକାର କରାଯାଇ ନ ପାରେ। ତେବେ ନିକିତିର ଏଭଳି ସାର୍ବଜନୀନ ପ୍ରୟୋଜନୀୟତାକୁ ନେଇ ଦେଶ-କାଳ-ପାତ୍ର ଭିତ୍ତିରେ ଗଢିଉଠିଛି ବହୁ କଥା ଓ କାହାଣୀ। ସେହିସବୁ କଥା କାହାଣୀକୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ନିକିତି' ଏକ ଉଚ୍ଚକୋଟୀର ଆଲେଖ୍ୟ ଥିଲା। 'କଫିକପ୍ ଭିତରେ ସୁନ୍ଦର କାରିଗରି' ଏବଂ 'ଶୋଇବାର ଶୈଳୀ କହେ ବ୍ୟକ୍ତିତ୍ୱ କଥା' ଆଦି ପାଠ ବେଶ୍ ପଠନଯୋଗ୍ୟ ହୋଇଥିଲା।

**-ଭବାନୀ ପ୍ରଧାନ, ସୋର, ବାଲେଶ୍ୱର**

❖ସମସ୍ତ ପ୍ରାଚୀନ ସଭ୍ୟତାରେ ନିକିତିର ଗୁରୁତ୍ୱ ରହିଛି। ବିଜ୍ଞାନ, ଇତିହାସ, ସାହିତ୍ୟ, ପୁରାଣ ସବୁକୁ ଆବୋରି ରଖିଛି ନିକିତି। ବିଜ୍ଞାନାଗାରର ଅତି ସୂକ୍ଷ୍ମ ଓଜନ ହେଉ ଅବା ବୃହତ୍‌କାୟ ପଣ୍ୟବାହୀ ଜାହାଜର ଓଜନ ସବୁଥିରେ ସଠିକତା ଓ ନିର୍ଭୁଲ ଉପରେ ଉଭୟ ନିକିତି ନିର୍ମାତା କମ୍ପାନୀ ଓ ଗ୍ରାହକ ଗୁରୁତ୍ୱ ଦେଉଛନ୍ତି। ତେଣୁ ଏହି ନିକିତି ଉପରେ ଆଧାର କରି ପ୍ରସ୍ତୁତ ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ମୋତେ ଅନେକ କିଛି ନୂଆ କଥା ଶିଖାଇଲା। ଅଜବ ହ୍ୟାଣ୍ଡବ୍ୟାଗ୍ ପାଠଟି ସତରେ ବେଶ୍ ଅଜବ ଥିଲା।

**-ମିନତୀ ସାହୁ, ସିଡିଏ, କଟକ**

❖ବ୍ୟକ୍ତିତ୍ୱ ପୃଷ୍ଠାରୁ ପ୍ରତିଥର ନୂଆ ନୂଆ ଲେଖକ କିମ୍ବା ଅନ୍ୟ ଯେ କୌଣସି କ୍ଷେତ୍ରରେ ବେଶ୍ ନାଁ କରିଥିବା ବ୍ୟକ୍ତିବିଶେଷଙ୍କର ଜୀବନୀ ସମ୍ପର୍କରେ ପଢ଼ିବାକୁ ମିଳୁଥିବାରୁ ଖୁସି ଲାଗେ। ସେହିପରି ଛୁଟିଦିନର ଗପ ଓ କବିତା ବି ବେଶ୍ ହୃଦୟସ୍ପର୍ଶୀ ହୋଇଥାଏ। ସିନେମା ସମ୍ପର୍କିତ ପାଠ ପଢିବାକୁ ବି ମୋତେ ବହୁତ ଭଲ ଲାଗେ। ଛୁଟିଦିନ ସିନେମାର ମୁଁ ଜଣେ ବିଦଗ୍ଧ ପାଠକ।

**-ବରୁଣ ସ୍ୱାଇଁ, ବ୍ରହ୍ମପୁର**

❖ରୋଜଗାର ପ୍ରସ୍ତୁତି ଆମର ଭାରି ପ୍ରିୟ। ଏଥିରୁ କିଏ କେଉଁ ମସିହାରେ କେତେ ଟଙ୍କା ପାଉଥିଲେ ଆଉ ସେତେବେଳେ ଟଙ୍କାର ମୂଲ୍ୟ କ'ଣ ଥିଲା ତାହା ଜାଣିବାକୁ ମିଳୁଥିବାରୁ ଭଲ ଲାଗେ। ସେହିପରି ସାଥୀ ପ୍ରଶ୍ନର ଉତ୍ତରଗୁଡ଼ିକ ବି ମନ କିଣିନିଏ। ଏଥରର ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ବୁଣାବୁଣି କରି କେମିତି ଜୁଏଲେରି ତିଆରି ହୁଏ, ତାହା ଜାଣିହେଲା।

**-ଖୁସି, ସ୍ମୃତି, ଚିକୁନି, ଝାରପଡ଼ା, ଭୁବନେଶ୍ୱର**

❖ଏଥରର ସହର ପୃଷ୍ଠାରୁ ପଞ୍ଚୁପାଣ୍ଡବଙ୍କ ଧର୍ମପତ୍ନୀ ପାଞ୍ଚାଳୀ(ଦ୍ରୌପଦୀ)ଙ୍କ ନାମାନୁସାରେ ହୋଇଥିବା ପାଞ୍ଚାଳିମେଡ଼ୁ ହିଲ୍‌ଷ୍ଟେଶନ ସମ୍ପର୍କରେ ନୂଆ ନୂଆ କଥା ଜାଣିବାକୁ ମିଳିଲା। ସେହିପରି ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାଟି ବେଶ୍ ମନଲୋଭା ହୋଇପାରିଥିଲା।

**-ରୁଦ୍ର ପାଣିଗ୍ରାହୀ, ଆଳି, କେନ୍ଦ୍ରାପଡ଼ା**

## ବିଶେଷ ଚିଠି



ଧରିତ୍ରୀ ଛୁଟିଦିନ ମିଳେ ରବିବାରେ
ମନ ଲାଗିଯାଏ ତାକୁ ପଢ଼ିବାରେ।
ଲେଖକ ଆଣ୍ଟୋଇନ୍ ରୋଜରଙ୍କ ଲେଖା
ଶିଖାଏ ଆମକୁ ନୂଆ ନୂଆ କଥା।
ସିନେମା, ସାଥୀ ପୃଷ୍ଠାର ଉତ୍ତର
ମନ କିଣିନିଏ ପାଠକମାନଙ୍କର।
ବ୍ୟାକ୍‌ପେଜ୍‌ରେ ଚିତ୍ର ଦେଖି ଆନନ୍ଦେ ଅଧୀର
ଏହିପରି ଖୁସି କରୁଥାଅ ମନ ସଭିଙ୍କର।

**-ଶ୍ରୀରାମଚନ୍ଦ୍ର ଦାଶ (ମଳୟ)**
**ଗବକୁଣ୍ଡ, ପୁରୀ**


ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଉପକୂଳ ଦେବୀପୀଠ


ମା'ବାଲିହରଚଣ୍ଡୀଙ୍କ ପୀଠ


ମା'ପଞ୍ଚୁବରାହୀଙ୍କ ପୀଠ


ମା'ଧାମରାଈଙ୍କ ପୀଠ

**ମାତୃଶକ୍ତି ହିଁ ସୃଷ୍ଟି, ସ୍ଥିତି ଓ ପ୍ରଳୟର ମୂଳଉତ୍ସ। ମା'ଙ୍କୁ ନେଇ ଅନେକ ରହସ୍ୟ ରୋମାଞ୍ଚକର କାହାଣୀର ଅନ୍ତନାହିଁ। ବିଭିନ୍ନ ଦେବୀପୀଠର ଧର୍ମବିଶ୍ୱାସକୁ ନେଇ ଲୋକଙ୍କ ସାମାଜିକ ଚଳଣି ମଧ୍ୟ ଯୋଡ଼ିହୋଇ ରହିଥିବାର ଦେଖିବାକୁ ମିଳେ। ତେବେ ଓଡ଼ିଶାରେ ରହିଛି ଅନେକ ଦେବୀପୀଠ । ମାତ୍ର ଉପକୂଳ ଅଞ୍ଚଳରେ ପ୍ରସିଦ୍ଧିଲାଭ କରିଥିବା କେତେକ ଦେବୀପୀଠ ସମ୍ପର୍କରେ.....**

**ମା' ପଞ୍ଚୁବରାହୀ:** କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅଧୀନ ସମୁଦ୍ର ବେଳାଭୂମିର ଏକ ବାଲିବନ୍ଧରେ ମା' ପଞ୍ଚୁବରାହୀ ପୂଜା ପାଉଥିଲେ। ପୂର୍ବେ ଏହି ଅଞ୍ଚଳର ଘଞ୍ଚଜଙ୍ଗଲ ମଧ୍ୟସ୍ଥ ଏକ ଗୋପନ ସ୍ଥାନରୁ ବେଳେବେଳେ ରାତିରେ ନିଆଁ ଜଳିବାର ଖବର ରାଜାଙ୍କ ନିକଟରେ ପହଞ୍ଚିଲା। ପରେ ଉକ୍ତ ସ୍ଥାନକୁ ଠାବ କରାଯାଇ ଦେବୀଙ୍କ ପ୍ରତିମା ଉଦ୍ଧାର କରାଗଲା। ସେତେବେଳେ କନିକା ରାଜାସାହେବଙ୍କୁ ସ୍ୱପ୍ନାଦେଶ ହେବାରୁ ମା'ଙ୍କ ପାଇଁ ପୂଜାର୍ଚ୍ଚନା କରାଗଲା। ମା' ପଞ୍ଚୁବରାହୀ ରାଜପ୍ରତିଷ୍ଠିତ ଦେବୀ ଭାବେ ପ୍ରସିଦ୍ଧ ହେଲେ। ଜନଶ୍ରୁତି କୁହେ, ପୂର୍ବେ ପାଟଶାଳ ନଦୀରେ ବୋଇତ ଯାତାୟାତ କରୁଥିଲା।ସେହି ସମୟରେ ଚମ୍ପାଗଡ଼ର ଜନୈକ ରାଜା ଗଡ଼ମଙ୍ଗଳାଙ୍କୁ ପୂଜାର୍ଚ୍ଚନା କରି ବୋଇତରୁ ଲୁଟ୍ ଓ ଯାତ୍ରୀଙ୍କୁ ଅତ୍ୟାଚାର କରୁଥିଲେ। ଏଥିରେ ଅତିଷ୍ଠ ହୋଇ ଜଣେ ସାଧବର ପତ୍ନୀ ସତୀତ୍ୱ ରକ୍ଷା ପାଇଁ ସମୁଦ୍ରରେ ଝାସଦେଇ ଅଭିଶାପ ଦେଇଥିଲେ ଯେ, ଏହି ଅଞ୍ଚଳ ଲୋପ ପାଇଯିବ। ଅନ୍ୟପକ୍ଷେ ସାତଭାୟାର କିମ୍ବଦନ୍ତୀ କୁହେ, ସାଧବ ପୁଅ ସାତଭାଇଙ୍କ ନାମ ଅନୁସାରେ ସାତଟି ମୌଜା ଥିଲା ଏବଂ ତଅପୋଇ ବୋଲି ସାଧବ ପୁଅଙ୍କ ଅଲିଅଳୀ ଭଉଣୀ ଥିଲା। କେହି କେହି କୁହନ୍ତି, ଏଠାରେ ମା' ପଞ୍ଚୁବରାହୀଙ୍କ ପ୍ରତିମାଙ୍କୁ କୌଣସି ବୋଇତରେ ଏଠାକୁ ଅଣାଯାଇ ଥାଇପାରେ। ଜନବସତି ପରିବର୍ତ୍ତନ ଯୋଗୁ ଏଠାରୁ ପ୍ରତିମା ମିଳିଥାଇପାରେ। ମା' ପଞ୍ଚୁବରାହୀ, ଜଞ୍ଜାଳି, ବିମଳାଇ, କମଳାଇ, ବାଟକୁମାରୀ ପୂଜା ପାଉଛନ୍ତି। ପୂଜାରୁଣୀ ବେଙ୍ଗଲତା ଦଳେଇ କୁହନ୍ତି –ପ୍ରତିଦିନ ସମୁଦ୍ରକୁ ଏକ ଭୋଗ ମା'ଙ୍କ ନାମରେ ଅର୍ପଣ କରାଯାଇଥାଏ । ଏହି ଗାଁର ସମସ୍ତଙ୍କ ସୁଖଦୁଃଖରେ ମା' ହିଁ ସାହା ହୋଇଥାନ୍ତି। ଅଞ୍ଚଳବାସୀଙ୍କ ବିଶ୍ୱାସ ଓ ଆଶାର ଦେବୀ ମା' ପଞ୍ଚୁବରାହୀ।ଚୈତ୍ରପର୍ବ ଓ ଦଶହରା ମା'ଙ୍କ ମୁଖ୍ୟ ପର୍ବ। ପ୍ରତି ମଙ୍ଗଳବାର ମା'ଙ୍କ ମନ୍ଦିର ବନ୍ଦ ରହେ। ମା'ଙ୍କ ପୀଠରେ ପ୍ରତିଦିନ ଖିରି ଖେଚୁଡ଼ି ଭୋଗହୁଏ।ଏବେ ମା'ଙ୍କୁ ସ୍ଥାନାନ୍ତରିତ ପରେ ଭିତରକନିକା ଜାତୀୟଉଦ୍ୟାନ ସଂଲଗ୍ନ ପାଟଶାଳା ନଦୀକୂଳସ୍ଥ ବଗପାଟିଆଠାରେ ଏକ ନୂତନ ମନ୍ଦିରରେ ଭକ୍ତଙ୍କ ଦ୍ୱାରା ମା'ଙ୍କୁ ପୂଜାର୍ଚ୍ଚନା କରାଯାଉଛି।

**ମା'ଧାମରାଇ:** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧିନ ଧାମରାର ପ୍ରସିଦ୍ଧ ଶକ୍ତିପୀଠ ମା'ଧାମରାଇ। ଲୋକକଥାରୁ ଜଣାପଡ଼େ, କୈବର୍ତ୍ତମାନେ ବୈତରଣୀ ନଦୀରେ ଜାଲ ପକାଇ ମାଛ ଧରିଲା ବେଳେ କଳାରଙ୍ଗର ସୂତା କପଡ଼ାରେ ଆବୃତ୍ତ ଅଷ୍ଟଭୁଜା ପଥର ମୂର୍ତ୍ତି ପାଇଥିଲେ। ତା'ପରେ ଉଦ୍ଧାର ମୂର୍ତ୍ତିକୁ ସ୍ଥଳଭାଗରେ ରଖିଥିଲେ। ଏହି ଘଟଣା କନିକା ରାଣୀଙ୍କୁ ସ୍ୱପ୍ନାଦେଶ ହେବାରୁ ସେଠାରେ ମା' ପୂଜା ପାଇଲେ। କୌଣସି ଧାମରୁ ମା' ଆସି ନ ଥିବାରୁ ସେହି ଧାମରୁ ଉଦ୍ଧାର ଯୋଗୁ ଧାମରାଇ ହିଁ ମା'ଙ୍କ ନାମ ରଖାଗଲା। ଉକ୍ତ ଗ୍ରାମର ନାମ ବି ଧାମରା ହେଲା। କିମ୍ବଦନ୍ତୀ କୁହେ, ଧନେଶ୍ୱର ବଣିକ ପାଷାଣ ମଙ୍ଗଳାଙ୍କୁ ସିଂହଳରୁ ଆଣି ଓଡ଼ିଶାରେ ସ୍ଥାପନ କରିଥିଲେ। ସାତଭାୟାର ମା' ପଞ୍ଚୁ ବରାହୀଙ୍କ ଲୋକକଥା ଅନୁଯାୟୀ, ମା'ଙ୍କୁ ଅନ୍ୟ ଭଉଣୀମାନେ ସମୁଦ୍ରକୁ ଠେଲିଦେଇଥିଲେ। କିନ୍ତୁ ଧାମରାଇ ତାଳଚୁଆ ଓ ଚନ୍ଦନୀପାଳ ନିକଟସ୍ଥ ନଦୀରେ ଭାସିଯାଉଥିବା ବେଳେ ଜନୈକ ବ୍ୟକ୍ତିଙ୍କ ଜାଲରେ ଅଟକିଥିଲେ । ସେ ମା'ଙ୍କୁ ଉଦ୍ଧାର କରି ଧାମରା ଗ୍ରାମର ଏକ ବେଲଗଛ ମୂଳେ ପୂଜାର୍ଚ୍ଚନା କଲେ। ଏକଦା ନଦୀରେ ନିଖୋଜ ଥିବା ଜଣେ ଧିବରଙ୍କ ସନ୍ଧାନବେଳେ ମା'ଙ୍କ ପ୍ରସ୍ତର ମୂର୍ତ୍ତି ପାଇଥିଲେ। ଏଠାର କିମ୍ବଦନ୍ତୀ ଓ ପରମ୍ପରା ଅନୁଯାୟୀ କୈବର୍ତ୍ତ ବଂଶର ବିଧବା ନାରୀମାନେ ମା'ଙ୍କ ଅଙ୍ଗସେବା ପୂଜା କରିଥାନ୍ତି। ଏହି ଅଞ୍ଚଳରେ ଏମାନଙ୍କୁ ଦେହୁରୀ ବା ଦେହରୁଣୀ କୁହାଯାଏ। ସେତେବେଳେ କନିକା ରାଜା ସାହେବ ଏଠାରେ ଏକ ମନ୍ଦିର ନିର୍ମାଣ କରିଥିଲେ । ସମୟକ୍ରମେ ଏହା ନଦୀରେ ଲୀନ ହୋଇଗଲା। ପରେ ଗ୍ରାମବାସୀଙ୍କ ଉଦ୍ୟମରେ ଅନ୍ୟ ଏକ ମନ୍ଦିର ନିର୍ମାଣ କରାଗଲା। କେବଳ ନିରାମିଷ ଭୋଗ ଲାଗିହୁଏ। ମା'ଙ୍କ ପ୍ରିୟ ବାଲଭୋଗ, ବରଫି, ଖୁଦୁମା, ନଡ଼ିଆ, ମଧ୍ୟାହ୍ନରେ ବନଭୋଗ, ପ୍ରିୟ ମନ୍ଦାର ଫୁଲ, କନିଅର ଓ ବେଲପତ୍ର ମା'ଙ୍କ ପୂଜାର୍ଚ୍ଚନାରେ ଲାଗିଥାଏ। ଧିବରମାନେ ଡଙ୍ଗାରେ ନଦୀ ପାର ବେଳେ ମା' ଧାମରାଇଙ୍କୁ ସୁମରଣା କରିଥାନ୍ତି। ମା'ଙ୍କ ମୁଖ୍ୟ ପର୍ବ ଭାବେ ମଧୁପାର୍ବଣ ଓ ମକରପର୍ବ ଜଣାଶୁଣା।

**ମା' ଭଟ୍ଟାରିକା:** କଟକ ଜିଲା ନରସିଂହପୁର ରାସ୍ତାରେ ପଦ୍ମନାଭପୁରଦେଇ ଭଟ୍ଟାରିକା ଛକଠାରୁ ଦକ୍ଷିଣକୁ ପ୍ରାୟ ୫ କିମି ଦୂର ଶଶାଙ୍ଗ ଗାଁ ସମୀପବର୍ତ୍ତୀ ମହାନଦୀ କୂଳରେ ବୃକ୍ଷରାଜି ଶୋଭିତ ରତ୍ନଗିରି ପାହାଡ଼ର ପାଦଦେଶରେ ମା'ଭଟ୍ଟାରିକାଙ୍କ ପବିତ୍ରପୀଠ ଅବସ୍ଥିତ। ଏହା ବଡ଼ମ୍ବା ବ୍ଲକ ଅଧୀନ । କିମ୍ବଦନ୍ତୀରୁ ଜଣାପଡ଼େ- ବୀର ପର୍ଶୁରାମ କୀର୍ତ୍ତିବୀଜଙ୍କ ଠାରୁ ପରାସ୍ତ ହେବାରୁ ଶକ୍ତି ଆହରଣ ପାଇଁ ଦୈବଶକ୍ତି ଅନ୍ୱେଷଣରେ ଏହି ପୀଠରେ ପହଞ୍ଚିଥିଲେ। ବୀର ପର୍ଶୁରାମ ନିଜ ତୀରମୁନରେ ରତ୍ନଗିରି ପର୍ବତରେ ଥିବା ଗୁମ୍ଫା ପଥର ଦେହରେ ମା' ଦୁର୍ଗାଙ୍କ ଏକ ଦିବ୍ୟଛବିକୁ ଆଙ୍କି ଭଟ୍ଟାରିକା ଦେବୀ ଭାବେ ପୂଜାର୍ଚ୍ଚନା କରି ସିଦ୍ଧିଲାଭ କଲେ। ମା'ଙ୍କ ଆଉ ଏକ ନାମ ହେଉଛି ବୁହଦମ୍ବା। ମା' ଭଟ୍ଟାରିକାଙ୍କ ସହିତ ପୂଜା ଉଗ୍ରା, ଉଗ୍ରପ୍ରଭା, ଚଣ୍ଡୀ, ପ୍ରଚଣ୍ଡା, ଶକଟା, ବିକଟା, ଦୁର୍ଗା, ମହାଲକ୍ଷ୍ମୀ, ଆଦି ଅଷ୍ଟଦେବୀ ପୂଜିତା। ଡାହାଳିଆ ରାଜାଙ୍କ ଭ୍ରମଣ ସମୟରେ ଏହି ମନ୍ଦିର ନିର୍ମାଣ ହୋଇଥିବା କୁହାଯାଏ। ଐତିହାସିକଙ୍କ ମତରେ ଏହି ମନ୍ଦିର ପ୍ରାୟ ଷଷ୍ଠରୁ ୧୬ ଶତାବ୍ଦୀ ମଧ୍ୟରେ। ମା'ଙ୍କ ପୀଠରେ ମୁଖ୍ୟପର୍ବ ଭାବେ ପଣାସଂକ୍ରାନ୍ତି, ଅକ୍ଷୟ ତୃତୀୟା,


ମା'କାଳିଜାଈଙ୍କ ପୀଠ


ମା' ଭଟ୍ଟାରିକାଙ୍କ ପୀଠ



ଶାରଦୀୟ ପର୍ବ ପାରମ୍ପରିକ ରୀତିନୀତିରେ ପାଳିତ ହୋଇଥାଏ। ମା'ଙ୍କ ପୂଜାନୀତି ନିମନ୍ତେ ସେବାନିଯୋଗୀ ଅଛନ୍ତି। ମନ୍ଦିର ବେଢ଼ାରେ ମହାଦେବ, ପଞ୍ଚମୁଖୀ ହନୁମାନ, ଲୋଭେରଇ ଠାକୁରାଣୀ, ରଘୁନାଥଦେବ ମନ୍ଦିର ରହିଛି। ନିକଟରେ ପାନ୍ଥଶାଳା, ଭଜନ ମଣ୍ଡପ, ଉତ୍ସବ ମଣ୍ଡପ ଅବସ୍ଥିତ। ଏହି ପୀଠ ଏକ ତନ୍ତ୍ରପୀଠ ଭାବେ ସୁପରିଚିତ।

**ମା'ରାମଚଣ୍ଡୀ:**ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ କଡ଼ରେ ରହିଛି ମା' ରାମଚଣ୍ଡୀଙ୍କ ପ୍ରସିଦ୍ଧ ପୀଠ। ସୁବିସ୍ତୀର୍ଣ୍ଣ ଝାଉଁବଣ, ସମୁଦ୍ର ବେଳାଭୂମି ଓ କୁଶଭଦ୍ରା ନଦୀମୁହାଣରେ ଏହି ପବିତ୍ର ପୀଠ। ଏଠାରୁ କିଛି ଦୂରରେ ଚନ୍ଦ୍ରଭାଗା ପୁଷ୍କରିଣୀ ଓ ଆଉ କିଛି ଦୂରରେ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର। ଏକ ଲୋକକଥା ଅନୁଯାୟୀ, ସତର ଶହ ଶତାବ୍ଦୀ ସମୟରେ ହିନ୍ଦୁରୁ ମୁସଲମାନ ପାଲଟିଥିବା କଳାପାହାଡ଼ ହିନ୍ଦୁ ଦେବଦେବୀଙ୍କ ମନ୍ଦିର ଭାଙ୍ଗିବା ସହିତ ମନ୍ଦିରର ସମ୍ପତ୍ତିକୁ ମଧ୍ୟ ଲୁଣ୍ଠନ କରୁଥିଲେ। କୋଣାର୍କ ସୂର୍ଯ୍ୟମନ୍ଦିରକୁ ଭାଙ୍ଗିବା ପରେ ତାଙ୍କର କୋପଦୃଷ୍ଟି ପଡିଥିଲା ରାମଚଣ୍ଡୀଙ୍କ ଉପରେ। ସେଥିରୁ ବର୍ତ୍ତିବା ପାଇଁ ଦେବୀ ରାମଚଣ୍ଡୀ ଜଣେ ବୃଦ୍ଧା ବେଶ ଧାରଣ କରି କାଖରେ କଳସୀ ଧରି ନଦୀରୁ ପାଣି ଆଣିବାକୁ ଚାଲିଯାଉଥିଲେ। ବାଟରେ କଳାପାହାଡ଼ ସହ ତାଙ୍କର ଦେଖାହୋଇଗଲା। ତୃଷାର୍ତ୍ତ କଳାପାହାଡ଼ ତାଙ୍କୁ ପାଣି ଦେବାକୁ କହିଥିଲେ। ବୃଦ୍ଧା ଜଣକ ତାଙ୍କୁ ଟିକେ ଅପେକ୍ଷା କରିବାକୁ କହି ପାଣି ଆଣିବାକୁ ଚାଲିଗଲେ। ହେଲେ ପାଣି ଆଣିବାରେ ବିଳମ୍ବ ଘଟିବାରୁ କଳାପାହାଡ଼ କ୍ରୋଧାନ୍ୱିତ ହୋଇ ବୃଦ୍ଧା ଯାଇଥିବା ରାସ୍ତାରେ ଯାଇ କୁଶଭଦ୍ରା ନଦୀ ମୁହାଣରେ ପହଞ୍ଚିଥିଲେ। କିନ୍ତୁ ସେଠାରେ କେହି ବୃଦ୍ଧା ନ ଥିଲେ ବରଂ ନଦୀ ମଝିରେ ଦେବୀ ରାମଚଣ୍ଡୀ ଡଙ୍ଗାରେ ବସିଥିବା ଦେଖିବାକୁ ପାଇଥିଲେ। ହେଲେ ନଦୀରେ ପାଣି ଭର୍ତ୍ତିଥିବା ଦେଖି କଳାପାହାଡ଼ ସେଠାରୁ ଫେରି ଆସିଥିଲେ। ପରେ ଦେବୀ ତାଙ୍କ ପୂଜାରୀଙ୍କୁ ସ୍ୱପ୍ନାଦେଶ କରି କହିଥିଲେ, କୁଶଭଦ୍ରା ନଦୀମୁହାଣ ନିକଟରେ ଏକ ମନ୍ଦିର ନିର୍ମାଣ କରିବାକୁ। ସେବେଠାରୁ ଏହା ରାମଚଣ୍ଡୀ ପୀଠ ଭାବେ ସୁପରିଚିତ। ଅନ୍ୟ ଏକ ଜନଶ୍ରୁତି ଅନୁଯାୟୀ, ପ୍ରଭୁ ରାମଚନ୍ଦ୍ର ଲଙ୍କାଯାତ୍ରା ସମୟରେ ଏଠାରେ ଚଣ୍ଡୀଙ୍କୁ ସ୍ଥାପନା କରି ପୂଜାର୍ଚ୍ଚନା କରିଥିଲେ। ସେଥିପାଇଁ ମହାପ୍ରଭୁ ରାମଚନ୍ଦ୍ରଙ୍କ ନାମ ସହିତ ଚଣ୍ଡୀଙ୍କ ନାମକୁ ଯୋଡ଼ି ମା' ରାମଚଣ୍ଡୀ ହୋଇଥିବା ଶୁଣିବାକୁ ମିଳିଥାଏ। ମା'ଙ୍କ ମନ୍ଦିରଟି ବାଲିରେ ସାମାନ୍ୟ ପୋତିହୋଇ ରହିଲା ଭଳି ଦେଖାଯାଇଥାଏ। ମା' ରାମଚଣ୍ଡୀ ଏକ ପଦ୍ମଫୁଲ ଆସନରେ ବିରାଜମାନ କରିଛନ୍ତି। ନିକଟରେ ନବଗ୍ରହ ବିଗ୍ରହ ଓ ଏକ ବରଗଛ ରହିଛି। ପ୍ରକାଶ ଚନ୍ଦ୍ର ପଣ୍ଡା କୁହନ୍ତି ଏହି ପୀଠରେ ମା'ଙ୍କ ମୁଖ୍ୟ ପର୍ବ ଭାବେ ଆଶ୍ୱିନ ମାସର ୧୬ ପୂଜାବେଳେ ଦଶହରାରେ ଦୁଇବେଳା ଚଣ୍ଡୀପୂଜା କରାଯାଇଥାଏ। ସେହିପରି ପ୍ରତିବର୍ଷ ବୈଶାଖ ମାସର ଶେଷ ଗୁରୁବାର ମା'ଙ୍କ ପୀଠରେ ହାଣ୍ଡିଭଙ୍ଗା ପର୍ବ ସ୍ୱତନ୍ତ୍ର ଭାବେ ପାଳିତ ହୋଇଥାଏ। ପ୍ରତ୍ୟହ ଭୋର ୪ଟାରେ ମା'ଙ୍କ ପାଖେ ଆଳତି, ସ୍ନାନ, ମଇଲମ ଲାଗି, ବଲ୍ଲଭ ଭୋଗ, ଖେଚୁଡ଼ି ଭୋଗ, ଦିନ ୧୨ଟାରେ ସଙ୍ଖୁଡ଼ି ଭୋଗରେ ମାଛପୋଡ଼ା କରାଯାଇଥାଏ। ସନ୍ଧ୍ୟାରେ ମା'ଙ୍କ ପାଖେ ଆଳତି, ସ୍ନାନ ମଇଲମ, ସଙ୍ଖୁଡ଼ି ଭୋଗଲାଗି ଏବଂ ବଡ଼ସିଂହାର ବେଶ ପରେ ମହାପ୍ରସାଦ ସମର୍ପଣ କରାଯାଇଥାଏ। ବର୍ଷର ସବୁ ସମୟରେ ଏହି ପବିତ୍ର ପୀଠକୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି।

**ମା' ବାଳିହରଚଣ୍ଡୀ:** ପୁରୀ ଜିଲା ବ୍ରହ୍ମଗିରି ବ୍ଲକର ପଲଙ୍କଗ୍ରାମ ଅଧୀନ ତଥା ବ୍ରହ୍ମଗିରି ବଜାର ଠାରୁ ପ୍ରାୟ ୫ କି.ମି. ଦୂର ସମୁଦ୍ର, ଚିଲିକା ଓ ନଦୀର ପ୍ରାକୃତିକ ପରିବେଶ ମଧ୍ୟରେ ମା' ବାଳିହରଚଣ୍ଡୀଙ୍କ ପବିତ୍ର ପୀଠ ଅବସ୍ଥିତ।ଏହିପୀଠ ନିକଟରେ ନରସିଂହପୁର ପାଟଣା ସମୁଦ୍ରକୁ ଲାଗିଛି। ପୂର୍ବେ ବଣିକମାନେ ସମୁଦ୍ର ପଥରେ ଏହି ପଥଦେଇ ଶ୍ରୀକ୍ଷେତ୍ର ଆସୁଥିଲେ। ଏକଦା ଏକ ଜାହାଜ ମା'ଙ୍କ ଅଲୌକିକ ଶକ୍ତି ପ୍ରଭାବରେ ଏହି ଘାଟିରେ ଅଟକିଥିଲା। ଜାହାଜର ବଣିକ ମା'ଙ୍କ ଶକ୍ତିକୁ ଅନୁଭବ କରି ଏକ ଓସ୍ତଗଛ ନିକଟରେ ମା'ଙ୍କ ପ୍ରତିମୂର୍ତ୍ତି ଦର୍ଶନପୂର୍ବକ ଏଠାରେ ଛୋଟ ମନ୍ଦିର ନିର୍ମାଣ କରି ଦେବୀଙ୍କ ପୂଜାର୍ଚ୍ଚନା ଭାର ସ୍ଥାନୀୟ ଲୋକଙ୍କୁ ଅର୍ପଣ କରିଥିଲେ। ଥରେ ଜଣେ ବେପାରୀ ଏହି ବାଟ ଦେଇ ଶ୍ରୀକ୍ଷେତ୍ର ଯିବାବେଳେ ଏହି ସ୍ଥାନର ଏକ ଓସ୍ତଗଛ ମୂଳେ ନିଜର ଲୁଗା ଗଣ୍ଠିଲି ରଖି ସ୍ନାନ କରିବାକୁ ନିକଟ ପୋଖରୀକୁ ଯାଇଥିଲେ। ପରେ ଆସି ଦେଖନ୍ତି ତ ଜଣେ ଯୁବତୀ ଲୁଗା ଗଣ୍ଠିଲିରୁ ଏକ ପାଟଶାଢ଼ି ନେଇ ପିନ୍ଧିଛି। କିନ୍ତୁ ବେପାରୀ ଜଣକ ସେହି ଯୁବତୀଙ୍କୁ ଲୁଗାର ମୂଲ୍ୟ ମାଗିବାରୁ ସେ କହିଲେ ମୋର ପିତା ଶ୍ରୀକ୍ଷେତ୍ରରେ ମହାରାଜା ଅଛନ୍ତି। ମାତ୍ର ବେପାରୀ ମହାରାଜାଙ୍କୁ ଏହି ଘଟଣା କହିବାରୁ ମହାରାଜା କହିଲେ, ମୋର କେହି କନ୍ୟା ସନ୍ତାନ ନାହାନ୍ତି। ଯଦି ତମେ କହୁଛ, ତା'ହେଲେ ମତେ ସେ କନ୍ୟାଙ୍କୁ ସାକ୍ଷାତ କରାଅ। ଯଦି ନ କରାଇବ ତେବେ ତୁମ୍ଭର ଶିରଚ୍ଛେଦନ ହେବ। ଏହାପରେ ପାତ୍ରମନ୍ତ୍ରୀଗଣ ଉକ୍ତ ସ୍ଥାନକୁ ଯାଇ ଦେଖନ୍ତେ ତ ସେହି ଓସ୍ତଗଛ ମୂଳେ ମା' ହରଚଣ୍ଡୀ। ମା'ଙ୍କ ଦର୍ଶନ ପାଇ ପାତ୍ରମନ୍ତ୍ରୀ ଫେରିଲେ। ପରେ ଏଠାରେ ରାଜାଙ୍କ ନିର୍ଦ୍ଦେଶରେ ଏକ ସୁଉଚ୍ଚ ମନ୍ଦିର ନିର୍ମାଣ ହେଲା। ପୁରାଣ କାହାଣୀରେ ମା' ହେଉଛନ୍ତି ଦ୍ରୋପଦୀ -ହରଚଣ୍ଡୀ ନାମେ ପୂଜିତା। ମୁଖ୍ୟ ମନ୍ଦିରରେ କଳାମୁଗୁନି ଶିଳାରେ ମା' ହରଚଣ୍ଡୀ ଅଷ୍ଟଭୁଜା ମୂର୍ତ୍ତି ମହିଷାସୁର ଉପରେ ବିଦ୍ୟମାନ। ହସ୍ତରେ ଶୂଳ, ଶଙ୍ଖ, ଖଣ୍ଡା, ଶର ଏବଂ ବାମହସ୍ତରେ ଖପର, ଧନୁ, ସାପ ଶୋଭିତ। ପାଦଦେଶରେ ପିତ୍ତଳରେ ନିର୍ମିତ ଦେବୀଙ୍କ ବାହନ ସିଂହ ହସ୍ତୀ ଉପରେ ଦଣ୍ଡାୟମାନ। ମନ୍ଦିର ମଧ୍ୟରେ ମହାବୀର, ଚଣ୍ଡେଶ୍ୱର ଦେବ ଅବସ୍ଥିତ। ଏହି ପୀଠରେ ଦଶହରା ପୂଜା, ମକରମେଳା ହୋଇଥାଏ। ପାରମ୍ପରିକ ରୀତିନୀତିରେ ମା'ଙ୍କ ଚଳନ୍ତି ପ୍ରତିମାଙ୍କୁ ପାଲିଙ୍କିରେ ବିଜେ କରାଯାଇ ଦେବୀ ପନ୍ତି ନିମନ୍ତେ ହଜୁରୀଙ୍କ ଖମାର ଘରକୁ ଯାତ୍ରା ଯାଇଥାଏ। ମା'ଙ୍କ ମାଜଣା ନୀତି, ବଲ୍ଲଭଭୋଗ, ମଧ୍ୟାହ୍ନରେ ମାଛ ବେସର, ଅନ୍ନ, ଖିରି, ଖେଚୁଡ଼ି ଏବଂ ସନ୍ଧ୍ୟାରେ ଆଳତି। ରାତିରେ ବଡ଼ସିଂହାର ବେଶ। ରାତ୍ର ଧୂପ ଲାଗି ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଅର୍ପଣ କରାଯାଇଥାଏ।

**ମା' କାଳିଜାଇ:**ନାଉରିଆ କୂଳରୁ ଡଙ୍ଗା ଛାଡ଼ିବା ମାତ୍ରେ ମା' କାଳିଜାଇଙ୍କୁ ହିଁ ସ୍ମରଣ କରିଥାଏ। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଚିଲିକା ମଧ୍ୟରେ ଥିବା ତ୍ରିଶିଖ ପାହାଡ଼ରେ ଅଧିଷ୍ଠାତ୍ରୀ ଦେବୀ ମା' କାଳିଜାଇଙ୍କ ପୀଠ। ଏହି ପାହାଡ଼ରେ ବିଭିନ୍ନ ବୃକ୍ଷଲତା ଶୋଭିତ। ବାଣପୁର ରାଜା ଜଗନ୍ନାଥ ମାନସିଂହ ହରିଚନ୍ଦନ ମର୍ଦ୍ଦରାଜ ଭ୍ରମରବର ରାୟ ମା' କାଳିଜାଇଙ୍କ ମନ୍ଦିର ନିର୍ମାଣ କରିଥିଲେ। ମା' କାଳିଜାଇ ଅଷ୍ଟଭୁଜା ଚାମୁଣ୍ଡା ସିନ୍ଦୂର ପ୍ରଲେପ ଦ୍ୱାରା ଆଚ୍ଛାଦିତ। ମା' କାଳିଜାଇଙ୍କ ଡାହାଣ ପଟରେ ମା' ମାଳିଜାଇ ଏବଂ ବାମପାର୍ଶ୍ୱରେ ମା'ରାମଚଣ୍ଡୀଙ୍କ ମୂର୍ତ୍ତି ଅବସ୍ଥିତ। ଏହି ପୀଠରେ ମାଛପୋଡ଼ା ଓ ଅନ୍ନ ଭୋଗ ହୁଏ। ଐତିହାସିକଙ୍କ ମତରେ, ଏହା ଅଷ୍ଟମ ଶତାବ୍ଦୀର ଭୌମକର ଶାସନରେ ପ୍ରତିଷ୍ଠିତ। ପାରିକୁଦ ଇତିହାସରୁ ଜଣାପଡ଼େ, ୧୮୦୫ ମସିହାରେ କୃଷ୍ଣପ୍ରସାଦଗଡ଼ର ରାଜା ହରିସେବକ ମାନସିଂହଙ୍କ ସହ ଖୋର୍ଦ୍ଧାର ରାଜା ପ୍ରତାପଚନ୍ଦ୍ର ଦେବ (ଗୁରୁବାଇ ଦୁର୍ଗ)ଅଧିକାର ଉଦ୍ଦେଶ୍ୟରେ ସୈନ୍ୟ ଧରି ଚିଲିକା ମଧ୍ୟରେ ପ୍ରବେଶ ମାତ୍ରେ ଖୋର୍ଦ୍ଧା ରାଜାଙ୍କ ନଜର ପଡ଼ିଲା ଚିଲିକାରେ ଦଳ ଦଳ ହୋଇ ଲକ୍ଷାଧିକ ଲାଲ ଓ ଧଳାପଗଡ଼ିଆ ସୈନ୍ୟ ଉପସ୍ଥିତ। ଏହାଦେଖି ତାଙ୍କର ମନରେ ପରାଜିତ ଭାବନା ସୃଷ୍ଟି ହୋଇଥିଲା ପରେ ରାଜା ଆସନ୍ନ ଯୁଦ୍ଧରୁ ବିରତି ରହିଥିଲେ। ମା'ଙ୍କ କରୁଣାରୁ କୃଷ୍ଣପ୍ରସାଦଗଡ଼ର ରାଜାଙ୍କୁ ଆସନ୍ନ ଯୁଦ୍ଧରୁ ମୁକ୍ତି ମିଳିଥିଲା। ଲୋକକଥା ଓ କିମ୍ବଦନ୍ତୀ ରୁ ଜଣାପଡ଼େ, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ କାଳିଜାଇ କବିତାର କଥାବସ୍ତୁ ଅନୁଯାୟୀ, ବାଣପୁର ଅଞ୍ଚଳର କୌଣସି ଏକ ଗାଁର ଝିଅ ଜାଇ । ସେ ନବବଧୂ ବେଶରେ ବିବାହ ପାଇଁ ବାଲୁଗାଁ ଚିଲିକା କୂଳରୁ ଡଙ୍ଗାରେ ଶାଶୁଘର ପାରିକୁଦ ଅଭିମୁଖେ ଯାତ୍ରା କରିଥିଲେ। ନୌକାରେ କନ୍ୟା ଓ ବରପକ୍ଷ ବସିଥାନ୍ତି। ମଝି ଚିଲିକାରେ ହଠାତ କଳାହାଣ୍ଡିଆ ମେଘ ଘୋଟିଆସିଲା ପ୍ରଚଣ୍ଡ ଝଡ଼ତୋଫାନରେ ନାଆ ଆଖିପଲକରେ ଚିଲିକାରେ ଥିବା ଏକ ପାହାଡ଼ରେ ପିଟିହୋଇଗଲା। ତା' ପରେ ଝଡ଼ବର୍ଷା ନୀରବୀଗଲା ହେଲେ ଡଙ୍ଗାରେ ଆଉ ଝିଅ ନ ଥିଲା। ବାପା ଝିଅକୁ କେତେ ଖୋଜିଥିଲେ ମଧ୍ୟ ଆଉ ପାଇନଥିଲେ। ଶେଷରେ ନିରାଶ ହୋଇ ଘରକୁ ଫେରିଥିଲେ। କିଛିଦିନ ପରେ ସେହି ପାହାଡ଼ ସମୀପରେ ନିର୍ଜନ ସମୟରେ ଏକ ଝିଅର କରୁଣ ଚିତ୍କାର ଶୁଣାଯାଉଥିଲା । ନାଉରିଆମାନଙ୍କୁ ବେଳେବେଳେ ସେ ହାତଠାରି ଅଭୟ ଦେଉଥିଲା। ସେ ଦେବୀ ଭାବେ ପୂଜା ପାଇବ ବୋଲି ସ୍ୱପ୍ନ ହେଲା। ପାରିକୁଦ ରାଜା ସେହି ତ୍ରିଶିଖ ପାହାଡ଼ରେ ଏକ ମନ୍ଦିର ଗଢିଥିଲେ। ମା'ଙ୍କର ମୁଖ୍ୟପର୍ବ ମକରପର୍ବ ପାରମ୍ପରିକ ବିଧିରେ ପାଳିତ ହୋଇଥାଏ। ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ୭ମ ତିଥିରେ ମା କାଳିଜାଇଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀଙ୍କ ଭେଟଯାତ୍ରା ନୌକା ବିହାରରେ ହୋଇଥାଏ। ଏହି ପୀଠ ବ୍ୟତୀତ ଉପକୂଳ ଅଞ୍ଚଳରେ ଆହୁରି ଅନେକଦେବୀଙ୍କ ପୀଠ ଦେଖିବାକୁ ମିଳେ।

**-ବନବିହାରୀ ବେହେରା, ଫଟୋ: ଅଶୋକ ପଣ୍ଡା, ଭାସ୍କର ରାଉତରାୟ, ମାୟାଧର ମଲ୍ଲିକ, ସ୍ୱାଧୀନ ଚମ୍ପତିରାୟ**




ମା' ରାମଚଣ୍ଡୀଙ୍କ ପୀଠ



# ଦାମୀ ଚକୋଲେଟ୍




**ଛୋଟରୁ ବଡ଼ ସଭିଙ୍କର ପ୍ରିୟ ଚକୋଲେଟ୍ । ହେଲେ କିଛି ଚକୋଲେଟ୍ ଅଛି ଯଦି ତା' ପାଇଁ ପିଲାଟିଏ ଜିଦି କରେ ତେବେ ତାକୁ କିଣିବା ଅସମ୍ଭବ ମନେ ହେବ। କାରଣ ସେସବୁ ହେଉଛି ପୃଥିବୀର ସବୁଠୁ ଦାମୀ ଚକୋଲେଟ୍...**





**ଲି ଚକୋଲାଟ୍:** ଏହା ହେଉଛି ପୃଥିବୀର ସବୁଠାରୁ ଦାମୀ ଚକୋଲେଟ୍। ତେବେ ଉକ୍ତ ଚକୋଲେଟ୍‌ର ମୂଲ୍ୟ ଏହାର ଚମତ୍କାର ସ୍ୱାଦ ଅବା କୌଣସି ବିରଳ କୋକୋଆର ବ୍ୟବହାର ପାଇଁ ହୋଇ ନାହିଁ। ବରଂ ଏହାର ପ୍ୟାକିଂ ପାଇଁ ହୋଇଛି। ଏହାକୁ ସୁନା, ହୀରା ଏବଂ ବିଭିନ୍ନ ରତ୍ନର ଗହଣାରେ ସୁନ୍ଦରଭାବେ ସଜାଇ ପ୍ୟାକ୍ କରାଯାଇଥାଏ। ତେଣୁ ଏହାର ଦାମ୍ ହେଉଛି ୧ ମିଲିୟନ୍ ଡଲାର।

**ଫ୍ରୋଜେନ୍ ହଉଟ୍ ଚକୋଲେଟ୍:** ନ୍ୟୁୟର୍କର 'ସେରେଣ୍ଡିପିଟି ୩'ନାମକ ରେଷ୍ଟୁରାଣ୍ଟରେ ଏହି ଚକୋଲେଟ୍ ୨୫,୦୦୦ ଡଲାର୍‌ରେ ବିକ୍ରି ହୋଇଥିଲା। ଗିନିଜ୍ ୱାର୍ଲଡ ରେକର୍ଡସ୍ ଅନୁସାରେ ଏ ହେଉଛି ସବୁଠୁ ଦାମୀ ଡେଜର୍ଟ। ଏହାକୁ ସୁନା ହୀରାରେ ସଜ୍ଜିତ ଗୋବଲେଟ୍ ବା ଗ୍ଲାସ୍‌ରେ ପରଷା ଯାଏ। ଆଉ ସାଥିରେ ୨୩ କ୍ୟାରେଟ୍ ସୁନାର ଚାମଚ ବି ଦିଆଯାଏ। ଖାଇବା ପରେ ଉଭୟ ଗୋବଲେଟ୍ ଓ ଚାମଚକୁ ଘରକୁ ନେଇ ଯାଇପାରିବେ।

**ଦି ଗୋଲ୍ଡେନ୍ ସ୍ପେକଲ୍ଡ ଏଗ୍:** ୧୦,୦୦୦ ଡଲାରରେ ବିକ୍ରି ହୋଇଥିବା ଏହି ଅଣ୍ଡାକୃତିର ଚକୋଲେଟ୍ ହେଉଛି ପୃଥିବୀର ସବୁଠୁ ଦାମୀ ଚକୋଲେଟ୍ ଏଗ୍। ତା'ସହ ଏହା ହେଉଛି ସବୁଠୁ ବଡ଼ ଇଷ୍ଟର ଚକୋଲେଟ୍ ଏଗ୍।

**ସ୍ୱରଭୋସ୍କି ଖଚିତ ଚକୋଲେଟ୍:** ଲଣ୍ଡନର ହାଇ ଏଣ୍ଡ ଡିପାର୍ଟମେଣ୍ଟ ଷ୍ଟୋର୍ ହାରୋଡ୍‌ସ, ଲେବାନୀୟ ଚକୋଲେଟିୟର୍ ପ୍ୟାଚି ସହ ମିଶି ଏହି ଚକୋଲେଟ୍ ତିଆରି କରିଥିଲେ। ଉକ୍ତ ଚକୋଲେଟ୍ ସ୍ୱରଭୋସ୍କି କ୍ରିଷ୍ଟାଲ୍‌ରେ ସଜାଯାଇଥିଲା। ଏହାର ଦାମ୍ ଥିଲା ୧୦,୦୦୦ ଡଲାର।

**ଲା ମେଡ୍‌ଲାଇନ୍ ଅଉ ଟ୍ରଫ୍:** ଡେନମାର୍କର ଚକୋଲେଟ୍ ନିର୍ମାତା ଫ୍ରିଜ୍ ନିପ୍ସଚିଲ୍ଡ ଏହି ଦାମୀ ଚକୋଲେଟ୍‌କୁ ତିଆରି କରିଛନ୍ତି। ଏଥିରେ ବିରଳ ଫ୍ରେଞ୍ଚ ପେରିଗର୍ଡ ଟ୍ରଫଲ(ଏକପ୍ରକାରର ଫନଜାଇ) ବ୍ୟବହାର କରାଯାଇଛି। ଯାହା ଉପରେ ହେଭି କ୍ରିମ, ଚିନି, ଟ୍ରଫଲ୍ ଅଏଲ୍ ଏବଂ ଭାନିଲା ମିଶ୍ରଣର ଏକ ମୋଟା ଆସ୍ତରଣ କରାଯାଇଥାଏ। ପରେ ଏହାକୁ ଫାଇନ୍ କୋକୋଆ ପାଉଡର୍‌ରେ ରୋଲ୍ କରାଯାଇଥାଏ। ଏହାର ପ୍ରତ୍ୟେକ ପିସ୍ ଚକୋଲେଟ୍‌କୁ ରୁପାର ବାକ୍ସ ମଧ୍ୟରେ ଏକ ସୁନ୍ଦର ମୁଣା ଭିତରେ ବନ୍ଧାଯାଇ ରଖାଯାଇଥାଏ। ଉକ୍ତ ଚକୋଲେଟ୍‌ର ମାତ୍ର ଗୋଟିଏ ପିସ୍‌ର ମୂଲ୍ୟ ହେଉଛି ୨୫୦ ଡଲାର ଓ ଏକ ପାଉଣ୍ଡର ମୂଲ୍ୟ ହେଉଛି ୨୬୦୦ଡଲାର।

**ୱିସ୍କା ଗୋଲ୍ଡ ର୍ୟାପ୍‌ଡ ଚକୋଲେଟ୍:** କାରାମେଲ୍‌ରେ ପୂର୍ଣ୍ଣ ଉକ୍ତ ଚକୋଲେଟ୍ ବାର୍‌କୁ ତିଆରି କରିଛନ୍ତି ଚକୋଲେଟ୍ ଦୁନିଆର ବହୁ ପରିଚିତ କମ୍ପାନୀ କ୍ୟାଡବରୀ। ଏହା ୧୨୮୦. ୨୮ ଡଲାର୍‌ରେ ବିକ୍ରି ହୋଇଥିଲା।


**ବ୍ରାଉନି ଏକ୍ସଟ୍ରାଅର୍ଡିନାଏର୍:** ବ୍ଲୁଲି ଡେସର୍ଟ ରେଷ୍ଟୁରାଣ୍ଟରେ ଉକ୍ତ ଡାର୍କ ଚକୋଲେଟ୍ ବ୍ରାଉନିକୁ ଏକ ବିରଳ ୱାଇନ୍ ବୋତଲ ସହ ସର୍ଭ କରାଯାଇଥିଲା। ଉକ୍ତ ବୋତଲଟି ଏକ ଭିଣ୍ଟେଜ୍ ସ୍ପ୍ରେ ବୋତଲ ପରି ହୋଇଥିଲା। ଉକ୍ତ ଚକୋଲେଟ୍‌ର ମୂଲ୍ୟ ଥିଲା ୧,୦୦୦ ଡଲାର।

**ନୋକା ଭିଣ୍ଟେଜ୍ କଲେକ୍ସନ:** ନୋକା ଚକୋଲେଟ୍ ହେଉଛି ଆମେରିକାରେ ଥିବା ଏକ କାନାଡୀୟ କମ୍ପାନୀ। ପାଉଣ୍ଡ ପ୍ରତି ୮୫୪ ଡଲାର ବିଶିଷ୍ଟ ଏହି ଚକୋଲେଟ୍‌କୁ ଫୋର୍ବ ମ୍ୟାଗାଜିନ୍ ପୃଥିବୀର ସବୁଠୁ ଦାମୀ ଚକୋଲେଟ୍ ମଧ୍ୟରେ ଅନ୍ୟତମ ଭାବେ ଗଣନା କରିଛି।

**ଡେଲାଫି ଏଡିବଲ୍ ଗୋଲ୍ଡ କ୍ରିଏସନ୍:** ଗୋଟିଏ ସୁନ୍ଦର ବକ୍ସ ଭିତରେ ୨୪ କ୍ୟାରେଟ୍ ଏଡିବଲ୍ ସୁନାର କୋଟ୍ ହୋଇଥିବା ଆଠ ପିସ୍ ଚକୋଲେଟ୍‌ର ମୂଲ୍ୟ ହେଉଛି ୩୯୭ ଡଲାର। ଏହି ବକ୍ସରେ ଏକ ସୁନାର ସ୍ୱିସ୍ କଏନ୍ ବି ଥାଏ।

**ହାଇସ୍ ଅଫ୍ ଗ୍ରଉୟରସ୍ ଏଫିସିଏନାଡୋସ୍ କଲେକ୍ସନ ଚକୋଲେଟ୍:** ଉକ୍ତ ଚକୋଲେଟ୍‌ର ଲୁକ୍ ଓ ବାସ୍ନା ଉଭୟ କ୍ୟୁବାର ସିଗାର୍ ପରି। ଆଉ ଏହି ଚକୋଲେଟ୍ ବକ୍ସର ମୂଲ୍ୟ ହେଉଛି ୨୭୦ ଡଲାର। ଚକୋଲେଟ୍‌ଟି ହେଉଛି ସିଗାର୍ ଓ ଚକୋଲେଟ୍‌ର ଏକ ଫ୍ୟୁଜନ୍।







# ମୌଳିକ ଲେଖକ



**ଯେଉଁ କେତେଜଣ ଲେଖକ ଅନ୍ତର୍ଜାତୀୟ ମାନ୍ୟତା ଦେବାରେ ସମର୍ଥ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ସାଇରସ୍ ମିସ୍ତ୍ରି ହେଉଛନ୍ତି ଅନ୍ୟତମ। ପରିମାଣରେ ଖୁବ୍ କମ୍ ପୁସ୍ତକ ରଚନା କରିଥିଲେ ମଧ୍ୟ ଗୁଣାତ୍ମକ ଦୃଷ୍ଟିକୋଣରୁ ସେଗୁଡ଼ିକ ଯେ ବିଶ୍ୱ ସାହିତ୍ୟର ମାନ୍ୟତା ପାଇବାକୁ ହକ୍‌ଦାର, ସେ କଥା ବିନା ଦ୍ୱିଧାରେ କୁହାଯାଇ ପାରିବ...**


ଭାରତୀୟ ସାହିତ୍ୟ ଆଉ ଭାରତ ମଧ୍ୟରେ ସୀମାବଦ୍ଧ ହୋଇ ରହିନାହିଁ। ଅଧିକନ୍ତୁ ଏହା ଅନ୍ତର୍ଜାତୀୟ ସ୍ତରରେ ଆଦୃତ ହୋଇ ଭାରତୀୟତାର ବିଜୟ ପତାକା ଉଡ଼େଇଲାଣି। ଭାରତୀୟ ସାହିତ୍ୟକୁ ସେମାନଙ୍କ ମୌଳିକତାର ଢାଞ୍ଚାରେ ପକେଇ ଯେଉଁ କେତେଜଣ ଲେଖକ ଅନ୍ତର୍ଜାତୀୟ ମାନ୍ୟତା ଦେବାରେ ସମର୍ଥ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ସାଇରସ୍ ମିସ୍ତ୍ରି ହେଉଛନ୍ତି ଅନ୍ୟତମ। ପରିମାଣରେ ଖୁବ୍ କମ୍ ପୁସ୍ତକ ରଚନା କରିଥିଲେ ମଧ୍ୟ ଗୁଣାତ୍ମକ ଦୃଷ୍ଟିକୋଣରୁ ସେଗୁଡ଼ିକ ଯେ ବିଶ୍ୱ ସାହିତ୍ୟର ମାନ୍ୟତା ପାଇବାକୁ ହକ୍‌ଦାର, ସେ କଥା ବିନା ଦ୍ୱିଧାରେ କୁହାଯାଇ ପାରିବ। ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ ସାଇରସ୍‌ଙ୍କ ରଚନା ବେଶ୍ ସରଳ ଓ ସାବଲୀଳ। ବର୍ଣ୍ଣନାର ଘଟାଟୋପକୁ ଏଡ଼େଇ କାହାଣୀକୁ ଏକ ଉଚ୍ଚତମ ଶିଖର ନେବାରେ ବେଶ୍ କୁଶଳୀ ହେଉଛନ୍ତି ସାଇରସ୍।

**ଗଳ୍ପରୁ ନାଟକ ଯାଏ:** ସାଇରସ୍ ମିସ୍ତ୍ରି ଜଣେ ପ୍ରତିଶ୍ରୁତିବଦ୍ଧ ଲେଖକ। ସେ ନିଜକୁ କେବଳ ଗଳ୍ପ ବା ଉପନ୍ୟାସରେ ସୀମିତ ରଖିନାହାନ୍ତି। ବହୁ ଲୋକପ୍ରିୟ ନାଟକ ରଚନା କରି ସେ ନିଜ ବହୁମୁଖୀ ପ୍ରତିଭାର ପରିଚୟ ପ୍ରଦାନ କରିଛନ୍ତି। ୨୦୧୪ରେ ସାଇରସ୍ ସମ୍ମାନଜନକ ସାଉଥ୍ ଏସିଆନ୍ ଲିଟରେଚର ଆୱାର୍ଡ ହାସଲ କରି ଭାରତୀୟ ସାହିତ୍ୟର ଏକ ନୂତନ ଫର୍ଦ୍ଦ ଯୋଗ କରିଥିଲେ। ତାଙ୍କ ରଚିତ ଉପନ୍ୟାସ 'କ୍ରନିକ୍ଲ ଅଫ୍ ଏ କର୍ପସ ବିୟର' ପାଇଁ ସେ ଏହି ପୁରସ୍କାର ପାଇବାକୁ ଦାବିଦାର ହୋଇଥିଲେ।

**କ୍ୟାରିୟର:** ୧୯୫୬, ମାର୍ଚ୍ଚ ୧୧ ତାରିଖରେ ମୁମ୍ବାଇରେ ସାଇରସ୍‌ଙ୍କ ଜନ୍ମ। ମୁମ୍ବାଇ ହେଉଛି ତାଙ୍କର ପ୍ରିୟ ସ୍ଥାନ। ଉପନ୍ୟାସ ଲେଖକ ଭାବରେ ପରିଚିତି ହାସଲ କରିଥିବା ସାଇରସ୍‌ଙ୍କ ଲେଖକୀୟ ଜୀବନ ଆରମ୍ଭ ହୋଇଥିଲା ଜଣେ ନାଟ୍ୟକାର ଭାବରେ। ତେବେ ଶିକ୍ଷା ସମାପ୍ତ କରିବା ପରେ ସେ ସାମ୍ବାଦିକ ଭାବରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ନାଟକରୁ ଧୀରେଧୀରେ ଆରମ୍ଭ ହୋଇଥିଲା ତାଙ୍କ ଗଳ୍ପର ଯାତ୍ରା। ୧୯୭୯ରେ ତାଙ୍କର ପ୍ରଥମ କ୍ଷୁଦ୍ରଗଳ୍ପ ପ୍ରକାଶିତ ହୋଇଥିଲା। ଏଥିସହିତ ସେ ଏକାଧିକ କ୍ଷୁଦ୍ର ଚଳଚ୍ଚିତ୍ର ତଥା ପ୍ରାମାଣିକ ଚଳଚ୍ଚିତ୍ର ପାଇଁ କାହାଣୀ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି। ୧୯୮୯ରେ ତାଙ୍କ କ୍ଷୁଦ୍ରଗଳ୍ପ 'ପର୍ସୀ'କୁ ନେଇ ଏକ ଗୁଜରାଟୀ ଫିଚର ଫିଲ୍ମ ନିର୍ମାଣ କରାଯାଇଥିଲା। ସେଥିରେ ସେ ନିଜେ ଚିତ୍ରନାଟ୍ୟ ଏବଂ ସଂଳାପ ମଧ୍ୟ ରଚନା କରିଥିଲେ। ଏହା ଶ୍ରେଷ୍ଠ ଗୁଜରାଟୀ ଫିଲ୍ମ ଭାବରେ ଜାତୀୟ ପୁରସ୍କାର ମଧ୍ୟ ପାଇଥିଲା। ତାଙ୍କ ରଚିତ ନାଟକ 'ଡୁଙ୍ଗାଜୀ ହାଉସ୍'କୁ ଏକ ଶ୍ରେଷ୍ଠ ମଞ୍ଚ ନାଟକ ଭାବରେ ବିବେଚନା କରାଯାଇଥାଏ। 'ଦି ରେଡିଆନ୍ସ ଅଫ୍ ଆସେସ୍' ହେଉଛି ତାଙ୍କର ଅନ୍ୟତମ ଲୋକପ୍ରିୟ ଉପନ୍ୟାସ।

**ଜଣେ ଶବ ବାହକର କାହାଣୀ:** ସାଇରସ୍ ମିସ୍ତ୍ରିଙ୍କର ସବୁଠୁ ଚର୍ଚ୍ଚିତ ତଥା ଲୋକପ୍ରିୟ ଉପନ୍ୟାସ ହେଉଛି 'କ୍ରନିକ୍ଲ ଅଫ୍ ଏ କର୍ପସ ବିଅର ବା ଜଣେ ଶବ ବାହକର କାହାଣୀ' ଉପନ୍ୟାସ। ଏକ ଶବ ବୋହୁଥିବା ଏବଂ ସଂସ୍କାର କର୍ମ କରୁଥିବା ସମ୍ପ୍ରଦାୟକୁ ନେଇ ଏହି ଉପନ୍ୟାସ ରଚନା କରାଯାଇଛି। ଏହା ଏମିତି ଏକ ସମ୍ପ୍ରଦାୟ, ଯାହା ସଦାସର୍ବଦା ଅନ୍ୟର ହେୟଭାବ ନେଇ ଜୀବନ ବଞ୍ଚିଥାଏ। ଏହି ସମ୍ପ୍ରଦାୟର ଲୋକମାନେ ସମାଜର ଉପକାର କରୁଥିଲେ ମଧ୍ୟ ଅସ୍ପୃଶ୍ୟ ହୋଇ ରହିଥାନ୍ତି। ଏଭଳି ଏକ ମାନବୀୟ ସମ୍ବେଦନଶୀଳ କାହାଣୀକୁ ନେଇ ରଚିତ 'ଜଣେ ଶବ ବାହକର କାହାଣୀ'।

**ଲେଖକୀୟ ପ୍ରତିକୂଳତା:** ଭାରତରେ ଲେଖିବାର କଞ୍ଚାମାଲ୍ ଯାହାକୁ ଯେତେ। ମାତ୍ର ଭାରତରେ ରହିଛି ଏକ ଭୀଷଣ ଲେଖକୀୟ ପ୍ରତିକୂଳତା। ଏଭଳି ଏକ ଧାରଣା ବ୍ୟକ୍ତ କରନ୍ତି ସାଇରସ୍। ଭାରତରେ ଜଣେ ଲେଖକ ହୋଇ ଜୀବନ ବଞ୍ଚେଇବା ସବୁଠୁ ବଡ଼ ଜଟିଳ କଥା। ଲେଖିବା ହେଉଛି ଏକ ସୃଜନଶୀଳ କାର୍ଯ୍ୟ। ହେଲେ ଏଥିପାଇଁ ଭାରତ ଏକ ଅନୁକୂଳ ଦେଶ ନୁହେଁ। ଏଠାରେ ଲେଖକଟିଏକୁ ପ୍ରାୟତଃ ପାରିଶ୍ରମିକ ମିଳେନାହିଁ। ନିରୁତା ଲେଖକଟିଏ ହୋଇ ପରିବାର ପ୍ରତିପୋଷଣ କରିବା ଏକ ଦୁଃସ୍ୱପ୍ନ। ଜଣେ ଲେଖକ ହେବା ଆଗରୁ ଏଠାରେ ପ୍ରଥମେ ଚିନ୍ତା କରିଥାଏ ଯେ, ସେ ତା'ର ପରିବାର ପ୍ରତିପୋଷଣ କରିବ କିପରି? ଖାସ୍ ଏଇ କାରଣରୁ ଭାରତରେ ପ୍ରଫେସନାଲ ଲେଖକ ନାହାନ୍ତି ବୋଲି କହିଲେ ଆଦୌ ଭୁଲ୍ ହେବନାହିଁ, ଏହା ଥିଲା ସାଇରସ୍‌ଙ୍କ ଦୃଢ଼ ମତ।








# ରାଧାର ଧାରା

– ଡ. ମୌସୁମୀ ପରିଡ଼ା

କୂଳ ଖାଉଥିବା ନଈଟା ଟିକେ ଆଗକୁ ଗଲେ ସମୁଦ୍ରରେ ପଡିଥାଏ ବୋଲି କେତେ ଉଦ୍ଧତା ସତେ! ଏପଟରୁ କାହ୍ନା ନିରେଖି ଦେଖେ, ବଂଶୀ ବଜାଏ। ନା, କେହି ବି ତ ନ ଥାଏ ସେପଟେ। ସବୁଦିନ ଆସେ ନଈକୂଳକୁ ତାକୁ ଟିକେ ଦୂରରୁ ଦେଖିବା ପାଇଁ, ଯିଏ ତା ବଂଶୀ ସ୍ୱରକୁ ବାଉଳି ହୋଇ କାନ ଡେରିଥାଏ। ସେ ବି ଆକାଶର ପୂନେଇଁ ଚାନ୍ଦ, ସବୁବେଳେ ଉଏଁନା! କିନ୍ତୁ ଛନ୍ଦି ହୋଇଯାଏ ମନ ସହ। କେବେକେବେ ତାକୁ ଦେଖେ ସେପାଖେ। ତା'ପରି କେହି ତନ୍ମୟ ହୋଇ ବଂଶୀ ଶୁଣେନି! ସେ ରାଧାଟିଏ ହୋଇଥିବ ନିଶ୍ଚୟ! ସେତେବେଳେ ତା ମନର ଆଶା ଓ ସ୍ୱପ୍ନତକ ନଈ ପରି ବିକ୍ଷିପ୍ତ ହୋଇପଡ଼ନ୍ତି। ପ୍ରଖର ସ୍ରୋତ ଓ ଭଉଁରିକୁ ଭ୍ରୂକ୍ଷେପ ନ କରି ଡଙ୍ଗାଟା ଧରି ନଈ ସେପାରିକୁ ବାହାରେ ସେ। ପହଁରା ଜଣା ନ ଥାଏ ବୋଲି ହେଜ ନ ଥାଏ। ମଝିନଈରେ ଯେତେବେଳେ କାତ ପାଏନି ସେ ହାରିଯାଏ ଲହରି ଆଗେ। ଅବଶ୍ୟ ଈଶ୍ୱର ସାହା ହୁଅନ୍ତି। ସୁଅ ଯୁଆଡ଼େ ଭସାଇନିଏ, ସେଠୁ ମାଛ ଧରାଳିମାନେ ତାକୁ ଉଦ୍ଧାର କରନ୍ତି ନ ହେଲେ କେହି ନାଉରି। ମୃତ୍ୟୁମୁଖରୁ ବଞ୍ଚିଯାଏ ସିନା, ହେଲେ ରାଧାକୁ ଭେଟିପାରେନି! ଯେବେ ସେତୁଟିଏ ଦୁଇ କୂଳକୁ ସଂଯୋଗ କରିବ, ସେ ଭେଟିପାରିବ ତାକୁ!

କାହ୍ନା ସବୁଦିନ ମନମାରି ଫେରିଯାଏ। ଦିନେ ଏକା ଏକା ଡଙ୍ଗା ଧରି ଝିଅଟି ଏ କୂଳରେ ହାଜର! କାହ୍ନା ନିଜକୁ ବିଶ୍ୱାସ କରିପାରିଲାନି। ସେ କାହ୍ନା ହାତରୁ ବଂଶୀଟାକୁ ଝିଙ୍କିନେଇ କହିଲା– 'ସବୁ ବଂଶୀଧାରୀ କାହ୍ନା ନୁହନ୍ତି।'

''ତୁମ ପରି ସଂସାର ନଦୀକୁ ନିଜ ଦମ୍ଭରେ ପାର କରିପାରୁଥିବା ସବୁ ନାରୀ ବି ରାଧା ନୁହନ୍ତି!' କାହ୍ନା କହିଲା।

'ସେଇ ତ ପରୀକ୍ଷା! ରାଧା ଗୋଟେ ଧାରାର ନାଁ। ଓଲଟାଇ ଦେଖ। ହେଉପଛେ ନଈର କି ସମୟର, ଯେଉଁ ଧାରା କୌଣସି ସେତୁର ଅପେକ୍ଷା ରଖେନା! ତୁମେ ନିଜ ସଂକଳ୍ପରୁ ହାରିଗଲ ବୋଲି ମୋତେ ତୁମ ଯୁଦ୍ଧ ଜିତିବାକୁ ହେଲା ଏକାକିନୀ। ଯିଏ ବି ଜିତୁ ପ୍ରେମର ହିଁ ଲାଭ!' ରାଧା କହିଲା!

'ମୁଁ ପୁରୁଷ ହୋଇ ଏ ଉନ୍ମତା ନଦୀକୁ ଲଂଘି ପାରିଲିନି। ତୁମେ କିପରି ପାରିଲ?' କାହ୍ନା ପଚାରିଲା। ରାଧା ହସୁହସୁ କହିଲା–'ମନର ଅଫୁରନ୍ତ ବଳ ସବୁ ଅସାଧ୍ୟ ସାଧିପାରେ। ଏ ଚେଷ୍ଟାରେ ତୁମ ତ୍ରୁଟି କାଳେ ପାଚିଯିବ, ସେଥିପାଇଁ ରାଧାର ଧାରାରେ ଏ କୂଳକୁ ଆସିପାରିଲି।'

ସେତେବେଳେ ରାଧା ହାତରେ ବଂଶୀ ଥିଲା। ନଦୀରେ ଭଉଁରି ଖେଳୁଥିଲା। କାହ୍ନା ଓଠର ଧାରେ ହସ ସହ ପୂନେଇଁ ଚାନ୍ଦର ସନ୍ଧି ଚାଲିଥିଲା!

*ମାର୍ଫତ–ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ*
*ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, କ୍ୱା.ନଂ.–୩ଆର୍/୪,*
*ଜଗତ୍‌ସିଂହପୁର*



## ତାଜମହଲ

– ଆଭା ମିଶ୍ର

କେବେକେବେ ଲାଗେ
ତମେ ଅଛ ମୋର
ଖୁବ୍ ନିକଟରେ ତ
କେବେକେବେ ଲାଗେ
ତମେ ଅଛ ଯୋଜନ ଯୋଜନ ଦୂରେ
କେବେ ପୁଣି ଲାଗେ
ମୋ ଛାତି ତଳେ ତମେ
ନିଜ ପାଇଁ ଘରଟେ ତୋଳିଛ
ଅଥଚ, ମତେ ଘର କରିଦେଇ
ଆଉ କାହାର ସ୍ମୃତିରେ
ନିଜ ଛାତି ତଳେ
ଆଉ ଏକ ତାଜମହଲ ତୋଳିଛ ॥

*– କୃଷି ବିଭାଗ, ରାଜ୍ୟ ସଚିବାଳୟ,*
*ଭୁବନେଶ୍ୱର*

## ପାଉନାହିଁ ତତେ ଖୋଜି

– ସୁଶାନ୍ତ କୁମାର ନନ୍ଦ

ଫଗୁଣ ସରିଲା ଶ୍ରାବଣ ବି ଗଲା
ଚାହିଁଛି ଲୋ ତୋତେ ମୁହିଁ,
ଆସିବୁ ବୋଲି ତ ଦେଇଥିଲୁ କଥା
କାହିଁଗଲୁ ପ୍ରିୟା ତୁହି ॥
ଝୁରୁଛି ତତେ ତ ଏଇ ମନ ପ୍ରାଣ
ଝୁରି ମରେ ଦିନ ରାତି,
ଶୀତଳ ପରଶ ଭରିଦେ ଆସି
ଜାଳୁଛିଲୋ ଆଜି ସ୍ମୃତି ॥
ଭଲପାଇବାର କାହାଣୀ ଲେଖି ତୁ
କେଉଁ ରାଇଜରେ ଆଜି,
ଯେତେ ଖୋଜିଲେ ବି ସ୍ୱପ୍ନରୁ ବାସ୍ତବ
ପାଉନାହିଁ ତୋତେ ଖୋଜି ॥

*– ମାରଡ଼ା, ଗୋପୀନାଥପୁର, ସାଲେପୁର, କଟକ*

# କଥା ୨୪ ଘଣ୍ଟାର


ଜ୍ୟୋତି-ରିୟା

ପ୍ରେମ ଏଭଳି ଏକ ଜିନିଷ ଯାହା କେତେବେଳେ ଆରମ୍ଭ ହୁଏ ଏବଂ ତାହାର ଶେଷ କିପରି ହୁଏ ଆକଳନ କରିବା ସହଜ ନୁହେଁ। ଗୋଟିଏ କାମରେ ଯାଇଥିବା ବେଳେ ଯୁବକଟି ପ୍ରେମ ଜାଲରେ ଫସିଯାଉଛି। ନିଜ କାମକୁ ବା ସେ କ'ଣ ଗୁରୁତ୍ୱ ଦେବ, ପ୍ରେମ ଡୋରିରେ ଏମିତି ବାନ୍ଧି ହୋଇଯାଇଛି ଯେ ସେଥିରୁ ମୁକୁଳିବା କଷ୍ଟକର ହୋଇପଡ଼ିଛି। ଏହି ପ୍ରେମରେ ଯାହା କିଛି ଘଟୁଛି ତାହାର ସମୟ ଅବଧି ରହିଛି ମାତ୍ର ଦିନଟିଏ, ଅର୍ଥାତ୍ ୨୪ ଘଣ୍ଟା। ତେବେ ସେହି ପ୍ରେମ କିପରି ହେଲା, ସେଥିରେ କ'ଣ ଘଟୁଛି ତାହା ଜାଣିବାକୁ ସିନେମାଟି ରିଲିଜ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ପ୍ରେମରେ ରଖିଛି ଶହେରୁ ଶହେ'। ରାସେଶ୍ୱରୀ ଫିଲ୍ମସ ବ୍ୟାନରରେ ଏହାର ଶୁଟିଂ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିରଞ୍ଚି ନାରାୟଣ ପଣ୍ଡା, ଦିଲୀପ ଦାସ ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସଞ୍ଜୟ ନାୟକ। ଖାସ୍ କଥା ହେଲା, ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମଳୟ ନାୟକ। ଲିଡ୍ ରୋଲ୍‌ରେ ଅଛନ୍ତି ଜ୍ୟୋତି ନାୟକ ଏବଂ ରିୟା। ତେବେ ଏଭଳି କାହାଣୀ ଦର୍ଶକଙ୍କୁ କେତେ ଏଣ୍ଟରଟେନ କରୁଛି ତାହା ସିନେମାଟି ପରଦା ଉପରକୁ ଆସିଲେ ହିଁ ଜଣାପଡ଼ିବ।

# ବବି-ନୀଲମଙ୍କ ପ୍ରେମ କାହାଣୀ

ବବି ଦେଓଲଙ୍କୁ ପ୍ରଥମେ ବ୍ରେକ୍ ମିଳିଥିଲା ହିନ୍ଦୀ ସିନେମା 'ବରସାତ୍'ରେ। ନିଜ କ୍ୟାରିୟର ଆରମ୍ଭ ଅବସ୍ଥାରେ ସେ ପ୍ରେମରେ ପଡିଯାଇଥିଲେ। ସେତେବେଳେ ସେ କାହାକୁ ପ୍ରେମ କରୁଥିଲେ ଜାଣନ୍ତି ? ନୀଲମଙ୍କୁ। ଦୁହେଁ ଦୁହିଁଙ୍କୁ ପସନ୍ଦ କରିବା ପରେ ସେମାନଙ୍କର ଲଭ ଷ୍ଟୋରି ଆଗକୁ ଫୁଲ୍ ସ୍ପିଡ୍‌ରେ ଆଗେଇଥିଲା। ହେଲେ ଏହି ପ୍ରେମ ଅଧିକ ଦିନ ରହିପାରି ନ ଥିଲା। ପରସ୍ପର ଭିତରେ ସନ୍ଦେହ ଏବଂ ଗୁଜବକୁ ନେଇ ନୀଲମ ବ୍ୟସ୍ତ ହୋଇପଡିଥିଲେ। ଶେଷରେ ବାଧହୋଇ ନିଜ ପଟରୁ ଏଭଳି ପ୍ରେମକୁ ଶେଷ କରିବାକୁ ନିଷ୍ପତ୍ତି ନେଇଥିଲେ। ଏ ବିଷୟରେ ନୀଲମ କହନ୍ତି, ''ଅନ୍ୟ କୌଣସି ଝିଅ ଆମ ପ୍ରେମର ବିଫଳତା ପାଇଁ ଦାୟୀ ନୁହନ୍ତି ବୋଲି ମୁଁ ଦୃଢ଼ ସ୍ୱରରେ କହିବି। କାରଣ ସମୟକ୍ରମେ ଆମ ଭିତରେ ମତାନ୍ତର ବଢ଼ିଥିଲା। ତେଣୁ ଏପରି ଅବସ୍ଥାରେ ଆମର ପ୍ରେମ ଆଗକୁ ଆଗେଇବ ସେ ନେଇ ବିଶ୍ୱାସ ଦିନକୁ ଦିନ କମିବାରେ ଲାଗିଲା। ବାସ୍, ତା'ପରେ ବବି ତାଙ୍କ ବାଟରେ ଆଉ ମୁଁ ମୋ ବାଟରେ।''


ନୀଲମ-ବବି

# ଯଦି ଅକ୍ଷୟ ରାଜି ହୋଇଥାନ୍ତେ...

ହିନ୍ଦୀ ସିନେମା 'ନମସ୍ତେ ଇଂଲଣ୍ଡ'ର କାଷ୍ଟିଂ ସମୟରେ ଏକ ମଜାଦାର ଘଟଣା ଘଟିଥିଲା। ପ୍ରଯୋଜକ ଏବଂ ନିର୍ଦ୍ଦେଶକ ପ୍ରଥମେ ଏହାର ଲିଡ୍ ରୋଲ୍ ପାଇଁ ଅକ୍ଷୟ କୁମାରଙ୍କୁ ସାଇନ୍ କରିବାକୁ ଚାହିଁଥିଲେ। ଯେତେବେଳେ ତାଙ୍କୁ ଯୋଗାଯୋଗ କରାଗଲା ସେ ହଁ ଭରିଥିଲେ। ହେଲେ କିଛିଦିନ ପରେ ନିଜ ପଟରୁ ଫୋନ୍ କରି ମନା କରିଦେଇଥିଲେ। କାରଣ ଏହି ଫିଲ୍ମ ପାଇଁ ତାଙ୍କ ହାତରେ ଡେଟ୍ ନ ଥିଲା। ତେଣୁ ଘଟଣାକୁ ଆଗକୁ ନ ବଢ଼ାଇ ନିଜ ପଟରୁ ସେ ପ୍ରଯୋଜକଙ୍କୁ କହିଥିଲେ ଯେ, ମୋର ଯଦିଓ ଏ ଫିଲ୍ମରେ ଆକ୍ଟିଂ କରିବାକୁ ଇଚ୍ଛା ଅଛି, ହେଲେ ମୋ ହାତରେ ଡେଟ୍ ନାହିଁ। ତେଣୁ ମୋତେ କାଷ୍ଟିଂରୁ ଆଉଟ୍ କରି ଆଉ କାହାକୁ ସାଇନ୍ କରାନ୍ତୁ।' ତା'ପରେ ପ୍ରଯୋଜକ ଅର୍ଜୁନ କପୁରଙ୍କୁ ଯୋଗାଯୋଗ କରିଥିଲେ ଏବଂ ସେ ଏହି ଫିଲ୍ମରେ ଅଭିନୟ କରିବାକୁ ରାଜି ହୋଇଥିଲେ। ନିକଟରେ 'ନମସ୍ତେ ଇଂଲଣ୍ଡ'ର ପ୍ରୋମୋ ସମୟରେ ଅର୍ଜୁନ ଏଭଳି ସୂଚନା ଦେଇଥିଲେ। ସେ କହିଥିଲେ, ''ଯଦି ସେତେବେଳେ ଅକ୍ଷୟଙ୍କ ହାତରେ ଡେଟ୍ ଥାଆନ୍ତା ତେବେ ଏହି ଫିଲ୍ମରେ ରୋଲ୍ କରିବାର ସୁଯୋଗ ମୋତେ ମିଳି ନ ଥାନ୍ତା।'' ଏଥିରେ ଅର୍ଜୁନଙ୍କ ସହ ସ୍କ୍ରିନ ଶେୟାର କରିଛନ୍ତି ପରିଣିତି ଚୋପ୍ରା। ସୂଚନାଯୋଗ୍ୟ, ୨୦୧୨ରେ ଅର୍ଜୁନ ଡେବ୍ୟୁ ଫିଲ୍ମ 'ଇସକଜ୍ୟାଦେ'ର ନାୟିକା ଥିଲେ ପରିଣିତି।


ଅର୍ଜୁନ-ପରିଣିତି

# ଟୁର୍ ମିଶନ


ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ଏବେ ଗୋଟିଏ ମିଶନକୁ ନେଇ ବ୍ୟସ୍ତ। ପୁଣି ଏଥିରେ ତାଙ୍କ ସହ ହାତ ମିଳାଇଛନ୍ତି ତାଙ୍କର ବୟଫ୍ରେଣ୍ଡ ନିକ୍ ଜୋନାସ। ପ୍ରାୟ ଅନେକେ ଜାଣନ୍ତି ଯେ ଏହି ଯୋଡ଼ି ଖୁବ୍ ଶୀଘ୍ର ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ହେଲେ କେଉଁଦିନ ଏହି ଶୁଭ କାମ ଅନୁଷ୍ଠିତ ହେବ ତାହା ଜଣାପଡ଼ିନାହିଁ। ହେଲେ ଏବେଠାରୁ ଏହି ପ୍ରେମୀଯୁଗଳ ମ୍ୟାରେଜ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ତା' ସହ ଦୁହେଁ ଆଉ ଏକ କାମରେ ବ୍ୟସ୍ତ ଅଛନ୍ତି। ତାହା ହେଲା ଟୁର୍। ଏବେ ଦୁହେଁ ଭାରତରେ ଡେରା ପକାଇଛନ୍ତି। ଆମ ଦେଶର ବିଭିନ୍ନ ଦର୍ଶନୀୟ ସ୍ଥାନ ନିକ୍ ଏବଂ ପ୍ରିୟଙ୍କା ବୁଲିବେ। ଶୁଣିବାକୁ ମିଳୁଛି ଦୁହିଁଙ୍କର ମ୍ୟାରେଜ ବିଶାଳ ଆକାରରେ ଅନୁଷ୍ଠିତ ହେବ। ଏଥିପାଇଁ ଦୁହେଁ ଯୋଜନା ପ୍ରସ୍ତୁତ କରିସାରିଲେଣି। ଦେଖାଯାଉ, ସେ ଶୁଭଦିନ କେବେ ଆସୁଛି।

# କଙ୍ଗନା-ସୋନମ ତୁ ତୁ ମେଁ ମେଁ


କଙ୍ଗନା

କଙ୍ଗନା ରାଣାଓ୍ୱତ ବନାମ ସୋନମ କପୁର। ଦୁହିଁଙ୍କ ଭିତରେ କଥା କଟାକଟି ଚରମ ସୋପାନରେ ପହଞ୍ଚିଛି। ଏପଟୁ ପଦେକୁ ସେପଟୁ ପଦେ। ଏଭଳି ତୁ ତୁ ମେଁ ମେଁ ଥମିବାର ନାଁ ନେଉନାହିଁ। ହେଲେ କ'ଣ ପାଇଁ ଦୁହିଁଙ୍କ ଭିତରେ ଏମିତି ଶୀତଳଯୁଦ୍ଧ ଚାଲିଛି ? ନିକଟରେ କଥା ପ୍ରସଙ୍ଗରେ ସୋନମଙ୍କ ଉପରେ କିଛି ଟିପ୍ପଣୀ ଦେଇଥିଲେ କଙ୍ଗନା। ସେ କହିଥିଲେ, ''ସୋନମ ଯେହେତୁ ଅନିଲଙ୍କ କନ୍ୟା, ତେଣୁ ତାଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ତାଙ୍କୁ କେତେଜଣ ପ୍ରଯୋଜକ ଅଗ୍ରାଧିକାର ଦେଉଛନ୍ତି ଯାହା ଠିକ୍ ନୁହେଁ।'' ଏପରି କଥା ଯେତେବେଳେ ସୋନମଙ୍କ କାନରେ ପଡ଼ିଲା ସେତେବେଳେ ସେ ଏକବାର ରାଗରେ ନିଆଁବାଣ। ଏକଥାକୁ ନେଇ ସେ ପୂରାଦମ୍‌ରେ କଙ୍ଗନାଙ୍କ ଉପରେ ବର୍ଷିଛନ୍ତି। 'ମୁଁ କିଏ ଏବଂ କେମିତି ବଲିଉଡ୍‌ରେ ଟିକିଛି ତାକୁ ନେଇ କଙ୍ଗନା ଅଧିକ ମୁଣ୍ଡ ନ ଖେଳାଇବା ଭଲ। ଇଣ୍ଡଷ୍ଟ୍ରିରେ ମୁଁ ନିଜ ପରିଚୟରେ ଆଗେଇବାକୁ ଚାହେଁ। ପାପାଙ୍କ ନାଁ ନେଇ ମୁଁ କ୍ରେଡିଟ୍ ନେବାକୁ ଚାହେଁନା ବୋଲି ସଫେଇ ଦେଇଛନ୍ତି ସୋନମ।' ତେବେ ଏଭଳି ନାଟକର କିପରି ପରିସମାପ୍ତି ହେଉଛି ତାହା ଦେଖିବାକୁ ବାକି ରହିଲା।



ଆଲିଆ

# କେବଳ ନୀରବତା

ଏବେ ଆଲିଆ ଗୋଟିଏ କଥାକୁ ନେଇ ନୀରବ ରହିବାକୁ ଉଚିତ ମଣୁଛନ୍ତି। ଯେତେ ପଚାରିଲେ ମଧ ତାଙ୍କ ପାଟିରୁ ଏ ନେଇ ଗୋଟିଏ ଶବ୍ଦ ବାହାରୁ ନାହିଁ। କଥାଟି ଏମିତି କ'ଣ କି ସେ ବିଷୟରେ ଆଲିଆ ନୀରବ ରହୁଛନ୍ତି ? ଅନେକେ ଜାଣନ୍ତି ଯେ ଏବେ ସେ ରଣବୀର କପୁରଙ୍କ ପ୍ରେମରେ ଉବୁଟୁବୁ। ହେଲେ ତା'ପୂର୍ବରୁ ସିଦ୍ଧାର୍ଥ ମାଲହୋତ୍ରାଙ୍କୁ ମନ ଦେଇଥିଲେ ସେ। ହେଲେ ଗତବର୍ଷ ଏହି ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡିଯାଇଥିଲା। ହେଲେ କ'ଣ ପାଇଁ ଗୋଟିଏ ସିନେମାରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିବା ସିଦ୍ଧାର୍ଥ-ଆଲିଆଙ୍କ ପ୍ରେମ ତିଷ୍ଠିପାରି ନ ଥିଲା ? ଏ ବିଷୟରେ କେବଳ ଆଲିଆ ନୁହନ୍ତି, ସିଦ୍ଧାର୍ଥ ମଧ ନୀରବ ରହୁଛନ୍ତି। ହେଲେ ଶୁଣିବାକୁ ମିଳୁଛି ଯେ କିଆରା ଆଡଭାନୀଙ୍କ ସହ ମିଳାମିଶାକୁ ପସନ୍ଦ କରୁ ନ ଥିଲେ ଆଲିଆ। ଏହି କଥାକୁ ନେଇ ଉଭୟଙ୍କ ଭିତରେ ମନାନ୍ତର ବଢ଼ି ଥିଲା। ଶେଷରେ ଏଥିପାଇଁ ହିଁ ଦୁହିଁଙ୍କର ପ୍ରେମ ସମ୍ପର୍କ ଅଧୁରା ରହିଗଲା।

ପ୍ରଥମ ରୋଜଗାର



କବି ତଥା ଡାକ୍ତର ମନୋରଞ୍ଜନ ଦାଶ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ରୋଜଗାର ୫୦ ଟଙ୍କା

କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ନିକଟସ୍ଥ ଅରୁଆ ଗ୍ରାମରେ ମୋର ଜନ୍ମ। ଉଚ୍ଚ ଶିକ୍ଷାଶ୍ରମ ଅରୁଆ କଦଳୀବଣ ବିଦ୍ୟାଳୟରୁ ୯ମ ପାସ୍ କରିବା ପରେ କେନ୍ଦ୍ରାପଡ଼ା ସରସ୍ୱତୀ ଉଚ୍ଚ ବିଦ୍ୟାଳୟ, ଦେପୁରରେ ପଢ଼ିଲି। ସେଠାରୁ ୧୯୮୩ରେ ଦଶମ ପାସ୍ କରି ଚଣ୍ଡିଖୋଲ କଲେଜରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ପଢ଼ିଲି। ଯୁକ୍ତ ତିନି ପଢ଼ା ସରି ନ ଥାଏ, ଭୁବନେଶ୍ୱର ଆସି ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ଇନ୍ଦିରାଗାନ୍ଧୀ ସ୍ମୃତି ଆୟୁର୍ବେଦିକ ଚିକିତ୍ସା ମହାବିଦ୍ୟାଳୟରେ ଆୟୁର୍ବେଦିକ ଓ ଶଲ୍ୟ ଚିକିତ୍ସା ବିଜ୍ଞାନରେ ସ୍ନାତକ କଲି। ୧୯୯୫ରେ ଏହା ସରିଲା। ଏହାପରେ ମୋତେ କଣ୍ଟ୍ରାକ୍ଟୁଆଲ୍ ଆୟୁର୍ବେଦିକ ଡାକ୍ତର ଭାବେ ଚାକିରି ମିଳିଲା, ସେ ପୁଣି କନ୍ଧମାଳରେ। ଘରର ବଡ଼ ପୁଅ ହୋଇଥିବାରୁ ପରିବାରର ଦାୟିତ୍ୱ ମୋ ଉପରେ ଥିଲା। ତେଣୁ ଏତେ ଦୂର ଯାଇ ଚାକିରି କରିବା ସମ୍ଭବପର ନ ଥିଲା। ଶେଷରେ ବାପାବୋଉଙ୍କ ପାଖେ ରହି ନିଜ ଅଞ୍ଚଳରେ ରୋଗୀ ସେବା କରିବାକୁ ମନସ୍ଥ କରି ପଟ୍ଟାମୁଣ୍ଡାଇ ବଜାରରେ ବୋଉ ନାଁରେ ଏକ କ୍ଲିନିକ୍ ଖୋଲିଲି। ପ୍ରଥମ ଦିନ ୫ଟି ରୋଗୀ ଦେଖି ୫୦ ଟଙ୍କା ଫିସ୍ ପାଇଲି। ଏହା ହିଁ ଥିଲା ମୋର ପ୍ରଥମ ରୋଜଗାର। ଟଙ୍କାଟିକୁ ନେଇ ବୋଉକୁ ଦେଲି। ବୋଉ ସେହି ଟଙ୍କାକୁ କାନିରେ ଗଣ୍ଠି କରି ରଖି ରାତିରେ ବାକ୍ସରେ ରଖିଲା ଆଉ ମୋତେ ବୁଝେଇ କହିଲା– ଏଇ ୫୦ ଟଙ୍କା ଦିନେ ତୋ ପାଖରେ ତିନି ହଜାର ଟଙ୍କାରେ ପରିଣତ ହେବ। ବୋଉର ସେହି ଆଶୀର୍ବାଦ ଟିକକ ଆଜି ମୋତେ ସାହା ହୋଇଛି। କିନ୍ତୁ ଏସବୁକୁ ଦେଖିବାକୁ ବୋଉ ଆଉ ଏ ସଂସାରରେ ନାହିଁ। ଯା' ଭିତରେ ମୋର ରୋଜଗାର ଯଥେଷ୍ଟ ବଢ଼ିଯାଇଥିଲେ ବି ସେଦିନର ସେହି ଅମୂଲ୍ୟ ୫୦ ଟଙ୍କାଟି ବୋଉର କାନିରେ ବନ୍ଧାହୋଇଥିବାର ଦୃଶ୍ୟକୁ ଏବେ ବି ଝୁରି ହେଉଛି। ତେବେ ନିଜ କ୍ଲିନିକ୍ କଥା ବୁଝିବା ସହ ୨୦୦୦ ମସିହାରୁ ଭାରତୀୟ ଜୀବନ ବୀମା ନିଗମର ଡାକ୍ତରୀ ପରୀକ୍ଷକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇ ଆସୁଛି। ତା'ସହିତ ମଝିରେ ମଝିରେ ମାଗଣା ଚିକିତ୍ସା ଶିବିର ଆୟୋଜନ କରି ବେଶ୍ ଆତ୍ମଶାନ୍ତି ପାଇପାରୁଛି। ଏହାବାଦ୍ ଲେଖାଲେଖିରେ ବି ରୁଚି ରଖିଛି। ଆୟୁର୍ବେଦ କଲେଜରେ ପଢିବା ସମୟରେ ପ୍ରଥମେ କବିତା ଲେଖିବା ଆରମ୍ଭ କରିଥିଲି। ଯା'ଭିତରେ ମୋର ଚାରୋଟି କବିତା ସଂକଳନ 'କବିତା ଗୁଚ୍ଛ', 'ବୋଉ', 'ପାଖେ ପାଖେ ଥାଲୋ ବୋଉ' ଏବଂ 'ଶବ୍ଦ ବ୍ରହ୍ମ' ପ୍ରକାଶ ପାଇସାରିଲାଣି। କବିତା ବ୍ୟତୀତ ସ୍ୱାସ୍ଥ୍ୟ ଭିତ୍ତିକ ପ୍ରବନ୍ଧ ବି ଲେଖେ। ଆଜିଯାଏଁ ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରାୟ ୬୦/୭୦ଟି ସ୍ୱାସ୍ଥ୍ୟଭିତ୍ତିକ ପ୍ରବନ୍ଧ ମୋର ପ୍ରକାଶ ପାଇସାରିଲାଣି। ଶେଷରେ କେବଳ ଏତିକି କହିବି, ବାପାବୋଉଙ୍କ ଆଶୀର୍ବାଦରୁ ନିଜ ଜନ୍ମସ୍ଥାନରେ ରହି ରୋଗୀ ସେବା କରିବାରେ ଯେଉଁ ଆନନ୍ଦ ମିଳୁଛି ତାହା ହୁଏତ ଆଉ କେଉଁଠି ଥିଲେ ମିଳି ନ ଥାନ୍ତା।

# ମନ ପାଖେ ମନ ପଡିଛି ବନ୍ଧା, ପ୍ରେମିକା ନୁହେଁ ସେ ରଜନୀଗନ୍ଧା

ସାଥୀ

**ପ୍ରଶ୍ନ–**ଏବେ ଜଣେ ସୁନ୍ଦରୀ ପ୍ରେମରେ ମୁଁ ପଡିଯାଇଛି। ତା' ସହ କେମିତି ପ୍ରେମ ହେଲା ତାହା ଜାଣିପାରୁନି। ହେଲେ ସେ ମୋ ମନର ମାନସୀ ଆଉ ମୋ ପାଇଁ ସେ ଯେମିତି ନିଜକୁ ସମର୍ପି ଦେଇଛି। ଆମ ପ୍ରେମ ସଫଳ ହେବ ତ ?

*–ଦିବାକର ସାହୁ, ରାଉରକେଲା*

**ଉତ୍ତର:** ଆପଣଙ୍କ ପ୍ରେମକୁ ଭଲ ଭାବରେ ବିଶ୍ଳେଷଣ କରିବା ପରେ ଲାଗୁଛି ଆପଣଙ୍କ ଯୋଡି 'ଏକ୍ ଦୁଜେ କେ ଲିୟେ'। ମନରେ ମନ ଶତ ପ୍ରତିଶତ ମିଶିଛି। ପ୍ରେମର ଗାଡି ମଧ୍ୟ ଆରମ୍ଭରୁ ପର୍‌ଫେକ୍ଟ ଷ୍ଟାର୍ଟ ନେଇଛି। ତେଣୁ ତାହାର ଫ୍ୟୁଚର ଉପରେ 'କିନ୍ତୁ, ଯଦି, କ'ଣ ହେବ'–ଏସବୁ ଲଗାଇବା ବୋକାମି ହେବ। ବାସ୍, ମନ ପାଖେ ମନ ପଡିଛି ବନ୍ଧା, ପ୍ରେମିକା ନୁହେଁ ସେ ରଜନୀଗନ୍ଧା। ଏଣିକି ଷ୍ଟିୟରିଂକୁ ଠିକ୍ ଭାବରେ ଚଳାଇବାର ଅଛି।

**ପ୍ରଶ୍ନ–**ନୂଆ ନୂଆ ଏବେ ପ୍ରେମ ମୁଁ କରୁଛି କେମିତି କହିବି ତାକୁ– ଦିଅ କିଛି ବୁଦ୍ଧି ଆହେ ସାଥୀ ମୋର ତୁମ ଏ ଛୋଟ ସାଥୀକୁ।

*–ଏସ.କେ. ସାହୁ, ନୟାଗଡ଼*

**ଉତ୍ତର:** ପ୍ରେମ ପଙ୍କରେ ଗୋଡ଼ ପୂରାଇବା ସମୟରେ ଭାରି ମଜା ଲାଗେ। ହେଲେ କେତେକେ ଅତି ଖୁସିହୋଇ ଆତ୍ମହରା ହୋଇଉଠନ୍ତି। ତେଣୁ 'ଜୋସ୍‌ମେଁ ହୋସ୍ ମତ୍ ଖୋନା'। ଯେତେବେଳେ ପ୍ରେମର ପାଣିପାଗ ଗୋଳିଆ ହୋଇଯାଏ ସେତେବେଳେ ତାଙ୍କ ମୁଣ୍ଡକୁ ବୁଦ୍ଧି ଜୁଟି ନ ଥାଏ। ଲାଇଫ୍‌ରେ ପ୍ରେମର ଇନିଂସ୍ ପ୍ରଥମ ଥର ପାଇଁ ଖେଳୁଛନ୍ତି ତେଣୁ ଦେଖିଚାହିଁ ଶଟ୍ ମାରନ୍ତୁ। ବାସ୍, ପ୍ରେମ ରାସ୍ତାରେ ଏମିତି ଆଗାନ୍ତୁ ଯେମିତି ଝୁଣ୍ଟି ପଡିବାର ଆଶଙ୍କା ଆଦୌ ରହିବ ନାହିଁ।

**ପ୍ରଶ୍ନ–**ଥରେ ଜଣେ ସୁନ୍ଦରୀ ମୋତେ ପ୍ରେମ ନିବେଦନ କଲା। ତାକୁ ଗ୍ରହଣ କଲି। ଆମ ପ୍ରେମ ଏବେ ଫୁଲ୍ ସ୍ପିଡ୍‌ରେ ଚାଲିଛି। ହେଲେ ଆଉ ଜଣେ ଝିଅ ମୋତେ ଏକତରଫା ଭଲ ପାଉଛି। କ'ଣ କରିବି ?

*–ଆଦିତ୍ୟ ପୁହାଣ, ଅନୁଗୋଳ*


**ଉତ୍ତର:** ଆପଣଙ୍କ ପ୍ରେମ ଠିକ୍‌ଠାକ୍ ଚାଲିଛି ବୋଲି ଉଲ୍ଲେଖ କରିଛନ୍ତି। ହେଲେ ଆଉ ଜଣେ ସୁନ୍ଦରୀଙ୍କ ଏକତରଫା ପ୍ରେମ ଆପଣଙ୍କ ମନକୁ ଆନ୍ଦୋଳିତ କରୁଛି। ଯଦି ସେପଟକୁ ଢଳିଗଲେ ତେବେ ଏପଟ ପ୍ରେମର ଅବସ୍ଥା କ'ଣ ହେବ, ନିଜେ ଅନୁମାନ କରନ୍ତୁ। ଭୁଲ୍‌ରେ ଏକାଥରେ ଦୁଇଟି ଝିଅଙ୍କୁ ପ୍ରେମ କରିବେ ନାହିଁ। ଯଦି ବାଟବଣା ହୋଇ ଦୁଇ ଝିଅଙ୍କୁ ଏକାଥରେ ହୃଦୟ ଦେଇବସିଲେ ଆଉ ସେହି ଅନୁସାରେ ପ୍ରେମ ଚାଲିଲା, ତେବେ ସେପରି ପ୍ରେମର ଶେଷ ପରିଣତି କ'ଣ ହେବ ତାହା ଥରେ ଭାବିବା ଉଚିତ। ତେଣୁ ଜଣଙ୍କର ହାତଧରି ପ୍ରେମ ରାସ୍ତାରେ ଯାଉଥିବା ବେଳେ ଆନମନା ହେଲେ ତାହାର ଫଳ ଆପଣ ହିଁ ଭୋଗିବେ।

**ପ୍ରଶ୍ନ–** କହିବେ କି ସାଥୀ, ଅତ୍ୟଧିକ ଭାବପ୍ରବଣତା କେତେଦୂର ଠିକ୍ ?

*–ବୁଟୁ ବିନୋଦ ବେହେରା, ତିନିଘରିଆ, ନୂଆସାହି, କଟକ*

**ଉତ୍ତର:** ପ୍ରେମରେ ହେଉ ବା କୌଣସି କଥାରେ ଭାବପ୍ରବଣ ହେବା କିଛି ନୂଆ କଥା ନୁହେଁ। ହେଲେ ସେତେବେଳେ ନିଜର ମାନସିକତା ଠିକ୍ ରହିବା ଜରୁରୀ। ନ ହେଲେ ଆପଣ ବୁଢ଼ିଆଣୀ ଜାଲରେ ଆପେ ଆପେ ଛନ୍ଦି ହୋଇଯିବେ। ଯଦି କୌଣସି କଥାରେ ଅତ୍ୟଧିକ ଭାବପ୍ରବଣ ହୋଇପଡିଛନ୍ତି, ତେବେ ସେଭଳି ମାହୋଲରେ ଯେତେ କମ୍ ସମୟ ରହିବେ ସେତେ ଭଲ। ସବୁବେଳେ ବାସ୍ତବତାରେ ରହି ନିଜ ଜୀବନକୁ ଉପଭୋଗ କରନ୍ତୁ ନା !





# କାଠି ଠାକୁରାଣୀ



**ପ୍ରତି ମଙ୍ଗଳବାର ରାତିରେ ମା' ଭଗବତୀଙ୍କ ଚଳନ୍ତି ପ୍ରତିମା– କାଠି ଠାକୁରାଣୀଙ୍କ ଭେଟଯାତ୍ରା ହୋଇଥାଏ। ଏହି ଆଧାରରେ ଦଶହରା ପୂର୍ବରୁ, ଦଶହରା ଦିନ ଓ ଦଶହରା ପରେ ବି ବାଣପୁର ଅଞ୍ଚଳରେ ବିଭିନ୍ନ ଗ୍ରାମରେ ସେହି ଗ୍ରାମର ଗ୍ରାମଦେବତୀଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀଙ୍କ ପର୍ବ ପାଳନ କରାଯାଉଥିବା ଦେଖିବାକୁ ମିଳେ..**

ଭାରତବର୍ଷ ହେଉଛି ଶକ୍ତି ଉପାସନାର ମୂଳପୀଠ। ଓଡ଼ିଶାରେ ଶକ୍ତି ପୂଜାର ପରମ୍ପରା ବେଶ୍ ସମୃଦ୍ଧ। ପ୍ରତ୍ୟେକ ଗ୍ରାମ ଠାକୁରାଣୀ ହେଉଛନ୍ତି ସେହି ଗାଁର ରକ୍ଷାକାରିଣୀ। ମା'ଙ୍କୁ ନେଇ ଅନେକ ରହସ୍ୟ କାହାଣୀର ଅନ୍ତନାହିଁ। ଯନ୍ତ୍ର, ମନ୍ତ୍ର, ତନ୍ତ୍ରବିଦ୍ୟାର ବ୍ୟାଖ୍ୟା ଓ ବିଶ୍ଳେଷଣ ମା'ଙ୍କ ରହସ୍ୟକୁ କେବେ ଭେଦ କରିବାକୁ ସକ୍ଷମ ହୋଇପାରିନାହିଁ। ବିଭିନ୍ନ ଦେବୀଙ୍କ ପୀଠରେ ଶାରଦୀୟ ପର୍ବର ଆୟୋଜନ ଚାଲିଥିବା ବେଳେ ଦଶହରା ପୂର୍ବରୁ, ଦଶହରା ଦିନ ଓ ଦଶହରା ପରେ ବି ଖୋର୍ଦ୍ଧା ଜିଲାର ବାଣପୁର ଅଞ୍ଚଳରେ ଏକ ନିଆରା ପର୍ବ କାଠି ଠାକୁରାଣୀଙ୍କ ଯାତ୍ରା ଦେଖିବାକୁ ମିଳେ।

**କିମ୍ବଦନ୍ତୀ ଓ ଲୋକକଥା:** ବାଣପୁରର ପ୍ରସିଦ୍ଧ ତନ୍ତ୍ରପୀଠ ମା' ଭଗବତୀଙ୍କ ମନ୍ଦିରର ପଶ୍ଚିମ ଦିଗରେ ମା' ବିରଜାଇ, ଉତ୍ତରରେ ମା' ସିଦ୍ଧାମ୍ବରୀ, ଦକ୍ଷିଣରେ ମା' ନାରାୟଣୀ, ପୂର୍ବରେ ଚିଲିକା ମଧ୍ୟରେ ମା' କାଳିଜାଈଙ୍କ ପୀଠ ଅବସ୍ଥିତ। ତେବେ ମା' ଭଗବତୀଙ୍କ ପରମ୍ପରାକୁ ନେଇ ବର୍ଷର ବିଭିନ୍ନ ସମୟରେ ଅନ୍ୟ ଶକ୍ତିପୀଠର ଶକ୍ତିମାନଙ୍କ ଭେଟଯାତ୍ରା ହୋଇଥାଏ। ଶକ୍ତି ପ୍ରସାଦ ମହାପାତ୍ର କୁହନ୍ତି– ପୁରାଣ, କିମ୍ବଦନ୍ତୀ ଓ ଲୋକକଥାରୁ ଜଣାପଡ଼େ, ମା' ଭଗବତୀ ଦକ୍ଷ ପ୍ରଜାପତିଙ୍କ କନ୍ୟା ହୋଇଥିବାରୁ ତାଙ୍କର ଚଳନ୍ତି ପ୍ରତିମା କାଠି ଠାକୁରାଣୀ ସବୁବେଳେ ତାଙ୍କ ପିତ୍ରାଳୟ ଅର୍ଥାତ୍ ଦକ୍ଷ ପ୍ରଜାପତିଙ୍କ ମନ୍ଦିରରେ ଅବସ୍ଥାନ କରିଥା'ନ୍ତି। ଏହି ଚଳନ୍ତି ପ୍ରତିମାକୁ ପୂଜା କରାଯାଇଥାଏ। ପ୍ରତି ମଙ୍ଗଳବାର ରାତିରେ କାଠି ଠାକୁରାଣୀ ପାରମ୍ପରିକ ପାଟପଟୁଆରେ ମା'ଭଗବତୀଙ୍କ ମନ୍ଦିର ପରିସରକୁ ଆସିଥା'ନ୍ତି। ଏଠାରେ ଅନ୍ନଭୋଗ, ମାଛବେସର ଇତ୍ୟାଦି ଶଙ୍ଖୁଡ଼ିଭୋଗ ଲାଗି କରାଯିବା ପରେ ଅର୍ଦ୍ଧରାତ୍ର ପୂର୍ବରୁ ପୁଣି ମା' ନିଜର ପିତ୍ରାଳୟକୁ ଫେରିଥା'ନ୍ତି। ସେହିପରି ଷଠିଓଷା ପରଦିନ ଚିଲିକାରେ ମା' କାଳିଜାଇ ଓ ମା' ଭଗବତୀଙ୍କ ଭେଟଯାତ୍ରା ହୁଏ। ପଣାସଂକ୍ରାନ୍ତି ଦିନ ମା' ଭଗବତୀଙ୍କ ପ୍ରତିମା କାଠି ଠାକୁରାଣୀ ଭାଟପଡ଼ାକୁ ଯାତ୍ରାକରି ସେଠାରୁ ସୋଲରୀ ପାହାଡ଼ରେ ବିଜେ ମା' ସିଦ୍ଧାମ୍ବରୀଙ୍କ ପୀଠରେ ରାତ୍ରିଯାପନ କରିଥା'ନ୍ତି ଏବଂ ସେଦିନ ଦହି, ଚୁଡ଼ା ଓ ଗୁଡ଼ ଭୋଗକୁ ଭକ୍ତମାନେ ଖପରାରେ ସେବନ କରିଥାନ୍ତି। ସେହି ରାତିରେ ମା'ଙ୍କ ପୀଠରେ ଆମିଷ ଭୋଗ ଲାଗି ହେଉଥିବା ବେଳେ ନିକଟସ୍ଥ ଶୈବପୀଠରେ ନିରାମିଷ ଭୋଗ ଲାଗି ହୁଏ।

**ମା'ଙ୍କ ସାଜସଜ୍ଜା ଓ ଭୋଗ:** ବାଉଁଶ, ବେଲ, ଖଇର, ଶାଳ ଆଦି କାଠରେ ନିର୍ମିତ ପ୍ରାୟ ୧୦ ଫୁଟରୁ ଊର୍ଦ୍ଧ୍ୱ କାଠି ଠାକୁରାଣୀଙ୍କୁ ବିଭିନ୍ନ ରଙ୍ଗର ବସ୍ତ୍ର(ଘେର) ପରିଧାନ କରାଯାଇଥାଏ। ପୂଜାରୀ ପ୍ରମୋଦ ମହାପାତ୍ର କୁହନ୍ତି, ଗାଁମନ୍ଦିରରୁ ପାରମ୍ପରିକ ରୀତିନୀତିରେ ଗ୍ରାମଦେବତୀଙ୍କ ଫୁଲଧଣ୍ଡାକୁ ଆବାହନ କରାଯାଇ ଭକ୍ତମାନେ ଗ୍ରାମ ଭ୍ରମଣରେ କାଠି ଠାକୁରାଣୀଙ୍କୁ ନାଚି ନଚେଇ ଏହି ଯାତ୍ରା ପାଳନ କରିଥା'ନ୍ତି। ପ୍ରଥମେ ସାହିର ବିଧିଦୁଆରେ ଫଳ, ମୁଆଁ ଓ କାକରା ଆଦି ଭୋଗ ଲାଗିହୁଏ। ପରେ କୋଠ ଭୋଗ ଓ ଗାଁର ଅନ୍ୟ ପରିବାରରୁ ଭୋଗ ପୂଜାର୍ଚ୍ଚନା କରାଯାଇଥାଏ। କେବଳ ପ୍ରତିପଦା ରାତିରେ ବ୍ରାହ୍ମଣ ପରିବାର ପକ୍ଷରୁ କାଠି ଠାକୁରାଣୀଙ୍କ ନିକଟରେ ମାଛ ପୋଡ଼ାବଳି, ମାଛ ତରକାରି, ଅନ୍ନ, ଖିରି ଆଦି ଶଙ୍ଖୁଡ଼ିଭୋଗ ଲାଗିହୁଏ।

**ଗାଁ ଓ ଠାକୁରାଣୀ:** ବାଣପୁର ଅଞ୍ଚଳର ବିଭିନ୍ନ ଗ୍ରାମରେ ପ୍ରତିଷ୍ଠିତ ଗ୍ରାମଦେବତୀଙ୍କ ପ୍ରତିମା– ସେହି ଗାଁର କାଠି ଠାକୁରାଣୀ। ଲଳିତ ମୋହନ ପଟ୍ଟନାୟକ କୁହନ୍ତି– ଏହି ଅଞ୍ଚଳର କେତେକ ଗାଁରେ ଦଶହରା ପୂର୍ବରୁ, ଆଉ କେତେକ ଗାଁରେ ଦଶହରା ଓ ଦଶହରା ପରେ ଏହିପର୍ବ ପାଳିତ ହୋଇଥାଏ। ବିଶେଷକରି ହରିପୁରର– ଦ୍ୱାରବାସିନୀ, ବଉଳାବନ୍ଧର– ମା' ଭଗବତୀ, ବିଞ୍ଝଳା, ବାଲିଆ, ନୂଆପାଟଣାର–ମା' ଉତ୍ତରାୟଣୀ, ପଙ୍କାଳ– ଖିଲାମୁଣ୍ଡା, ରାହାଣବେଲି– ବୁଢୀଠାକୁରାଣୀ, ଖଣତ– ମା' ଭୂୟାଁଦେବୀ ଓ ପାଦୁକେୟୀ, ଗୋତପଲ୍ଲୀ– ରାମଚଣ୍ଡୀ, ନଚ୍ଛିପୁର, ଓଡ଼ଗାଁ– ଶୂଳିଆଦେବୀ, ପଟିଆ– ପଶ୍ଚିମାଣୀ, ବାଲୁଗାଁ– ଜାଗୁଳେଇ, ଝରିଆଟାଙ୍ଗି, କରଡ଼ାପଲ୍ଲୀ, ଅଲାଇଡିହ, କଇଥପଲ୍ଲୀ– ମା' ବ୍ରାହ୍ମଣୀଦେବୀ, ଶିଖରପଦର– ମା' ନାରାୟଣୀ, ଧୂଆଁଳ– ସୋଲରାଇ, ମନଇଚ୍ଛାପୁର– ଧୂଳିଆଦେବୀ, ନଚ୍ଛିପୁର, ଭାପୁର–ମା'ଭବାନୀ, ଆୟଉପୁର– ମା' ଓଡ଼େଇଶୁଣୀ, କୁହୁଡ଼ିରେ ମା'କଜଳେଇଙ୍କ ସମେତ କୁମ୍ଭକାର, ପାରିନୂଆଗାଁ, ଭେସରୀ, ବନ୍ଧମୁଣ୍ଡେଇ ଆଦି ଗାଁରେ ଏହି ପର୍ବ ପାଳିତହୁଏ ଏବଂ ଗାଁରେ ଜନ୍ତାଳଭୋଗ, ସାଂସ୍କୃତିକ ଓ ଚିତ୍ତବିନୋଦନ କାର୍ଯ୍ୟକ୍ରମରେ ସବୁବର୍ଗର ଲୋକଙ୍କ ମଧ୍ୟରେ ଭାଇଚାରା ସୁଦୃଢ଼ ହୋଇଥାଏ। ଏହି ପର୍ବରେ ଧର୍ମବିଶ୍ୱାସକୁ ନେଇ ଲୋକଙ୍କ ସାମାଜିକ ଚଳଣି ଯୋଡ଼ିହୋଇ ରହିଥିବାର ଦେଖିବାକୁ ମିଳେ। ତେବେ ମାତୃଶକ୍ତି ହିଁ ସୃଷ୍ଟି, ସ୍ଥିତି ଓ ପ୍ରଳୟର ମୂଳଉତ୍ସ।

– ବନବିହାରୀ ବେହେରା







ଶାଏଲୀ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ପାଳି

ମୀନା ରୂପାକୁ- ଆଜି ମୁଁ ଆମ ପଡ଼ୋଶୀ ଆଣ୍ଟିଙ୍କୁ ପାନେ ଦେଇଛି।
ରୂପା-କଥାଟା କ'ଣ ମତେ ଭଲରେ କହିଲୁ।
ମୀନା- ସାଇପଡ଼ିଶାରେ ଯାହାର ବି ବାହାଘର ହୁଏ, ସବୁବେଳେ ସେ ମୋ ଗାଲ ଚିପି କହନ୍ତି, 'ଏବେ ତୋ ପାଳି ଆସୁଛି।' ମତେ ଭାରି ରାଗ ଲାଗେ।
ରୂପା- ଓଃ। ତେବେ ତୁ ତାଙ୍କୁ ପାନେ କେମିତି ଚଖେଇଲୁ ?
ମୀନା- କାଲି ଆମ ସାହିର ଜଣେ ମହିଳା ମରିଗଲେ। ମୁଁ ସେ ଆଣ୍ଟିଙ୍କ ପାଖକୁ ଯାଇ ତାଙ୍କ ହାତକୁ ଧରି କହିଲି- 'ଯା ପରେ ବୋଧେ ଆପଣଙ୍କ ପାଳି ଆସିବ।'

## ସ୍ୱପ୍ନ

ସ୍ୱାମୀ- କାଲି ରାତିରେ ଜଣେ ସୁନ୍ଦରୀ ମହିଳା ମୋ ସ୍ୱପ୍ନରେ ଆସିଥିଲେ।
ସ୍ତ୍ରୀ- ସେ ନିଶ୍ଚୟ ଏକୁଟିଆ ଆସିଥିବେ।
ସ୍ୱାମୀ-ତମେ କେମିତି ଜାଣିଲ ?
ସ୍ତ୍ରୀ-କାହିଁକିନା, ତାଙ୍କ ସ୍ୱାମୀ କାଲି ରାତିରେ ମୋ ସ୍ୱପ୍ନରେ ଆସିଥିଲେ ।

## ବାପା

ସ୍ତ୍ରୀ ସ୍ୱାମୀଙ୍କୁ- ବୁଝିଲ ତମେ ଜିମ୍ ଯିବା ଆରମ୍ଭ କର। ଦେଖୁନ କେତେ ବଡ଼ ପେଟ ବାହାରିଲାଣି।
ସ୍ୱାମୀ- ତମର ବି ତ ପେଟ ବଡ଼ ହେଇଗଲାଣି।
ସ୍ତ୍ରୀ- ମୁଁ ତ ମା' ହେବାକୁ ଯାଉଛି।
ସ୍ୱାମୀ- ଆରେ ମୁଁ ବି ତ ବାପା ହେବାକୁ ଯାଉଛି।







# କମ୍ଲଙ୍ଗ ବନ୍ୟପ୍ରାଣୀ ଅଭୟାରଣ୍ୟ

**ଅରୁଣାଚଳ ପ୍ରଦେଶରେ ଅବସ୍ଥିତ କମ୍ଲଙ୍ଗ ବନ୍ୟପ୍ରାଣୀ ଅଭୟାରଣ୍ୟରେ ମୁଖ୍ୟତଃ ବାଘ, ଚିତାବାଘ, ଚିତ୍ରା ବିଲେଇ ଇତ୍ୟାଦି ପ୍ରାଣୀ ଦେଖିବାକୁ ମିଳିଥାନ୍ତି। ସେହିପରି ନାନାରଙ୍ଗର ଜାତିଜାତିକା ପକ୍ଷୀ ବି ଏଠାରେ ଦେଖାଯାଇଥାନ୍ତି।**

ଅରୁଣାଚଳ ପ୍ରଦେଶର ଲୋହିତ ଜିଲାସ୍ଥିତ କମ୍ଲଙ୍ଗ ବନ୍ୟପ୍ରାଣୀ ଅଭୟାରଣ୍ୟ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ। ଏଠାରେ ପ୍ରବାହିତ କମ୍ଲଙ୍ଗ ନଦୀର ନାମାନୁସାରେ ଏହାର ନାମକରଣ କରାଯାଇଛି। ତଥ୍ୟ ଅନୁଯାୟୀ, ପ୍ରାୟ ୭୮୩ ବର୍ଗ କି.ମି. ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢିଉଠିଥିବା ଏହି ଅଭୟାରଣ୍ୟକୁ ୧୯୮୯ରେ ପ୍ରତିଷ୍ଠା କରାଯାଇଥିଲା।

## କ'ଣ ଦେଖିବେ

ବିରଳ ପଶୁପକ୍ଷୀଙ୍କ ସୁରକ୍ଷିତ ଆବାସସ୍ଥଳୀ ଭାବେ ଜଣାଶୁଣା ଏହି ଅଭୟାରଣ୍ୟରେ ମୁଖ୍ୟତଃ ବାଘ, ଚିତାବାଘ, କ୍ଲାଉଡେଡ୍ ଲିଓପାର୍ଡ, ସ୍ନୋ ଲିଓପାର୍ଡ ଦେଖିବାକୁ ମିଳିଥାନ୍ତି। ସେହିପରି ରେକର୍ଡ ଅନୁଯାୟୀ ଏଠାରେ ପ୍ରାୟ ୬୧ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୨୦ ପ୍ରଜାତିର ସରୀସୃପ, ୧୦୫ ପ୍ରଜାତିରୁ ଊର୍ଦ୍ଧ୍ୱ ନାନାରଙ୍ଗର ଜାତିଜାତିକା ପକ୍ଷୀ ବି ଦେଖାଯାଇଥାନ୍ତି। ହାତୀ, ବାର୍ହା, ଚିତ୍ରା ବିଲେଇ, ହରିଣ, ଉଡ଼ନ୍ତା ଗୁଣ୍ଡୁଚିମୂଷା ଇତ୍ୟାଦି ହେଉଛି ଏହି ଅଭୟାରଣ୍ୟର ଅନ୍ୟତମ ଆକର୍ଷଣ। କେବଳ ଏତିକି ନୁହେଁ, ଜାତିଜାତିକା ମାଙ୍କଡ଼ ବି ଅଭୟାରଣ୍ୟ ଭିତରେ ଡିଆଁଡେଇଁ କରୁଥିବାର ଦୃଶ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ପଶୁପକ୍ଷୀଙ୍କ ବ୍ୟତୀତ ପ୍ରାୟ ୧୫୦ କିସମରୁ ଊର୍ଦ୍ଧ୍ୱ ବୃକ୍ଷଲତା ମଧ୍ୟ ଏଠାରେ ଦେଖିବାକୁ ମିଳିଥାଏ। ତା'ଛଡ଼ା ଅଭୟାରଣ୍ୟ ଭିତରେ ସ୍ୱତନ୍ତ୍ର ଅର୍କିଡ ଗ୍ୟାଲେରୀ ମଧ୍ୟ ରହିଛି, ଯେଉଁଠାରେ ପର୍ଯ୍ୟଟକ ବିଭିନ୍ନ କିସମର ଅର୍କିଡ ଦେଖିବାର ସୁଯୋଗ ପାଇପାରିବେ। କେବଳ ଦେଖିବେ ନାହିଁ ଅନେକ ତଥ୍ୟ ମଧ୍ୟ ଏଠୁ ପାଇପାରିବେ।

## ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀ

କୁହାଯାଏ, ଏହି ଅଭୟାରଣ୍ୟ ନିକଟରେ କେତୋଟି ଆକର୍ଷଣୀୟ ଜଳାଶୟ ମଧ୍ୟ ରହିଛି। ଗ୍ଲୋ ନାମରେ ଏକ ହ୍ରଦ ଏଠାକାର ଅନ୍ୟତମ ଆକର୍ଷଣ। ତେବେ ଏହି ହ୍ରଦ ନିକଟକୁ ପର୍ଯ୍ୟଟକଙ୍କୁ ଟ୍ରେକିଂ କରିଯିବାକୁ ହୋଇଥାଏ। ସେହିପରି ପର୍ଶୁରାମ କୁଣ୍ଡ ମଧ୍ୟ ଅନେକ ଭକ୍ତଙ୍କୁ ଏଠାକୁ ଟାଣି ଆଣିଥାଏ। କାରଣ ଏହି କୁଣ୍ଡ ସହ ଆଧ୍ୟାତ୍ମିକବାଦର କିଛିଟା ସାମଞ୍ଜସ୍ୟ ରହିଛି ବୋଲି ସ୍ଥାନୀୟ ବାସିନ୍ଦାଙ୍କ ମତ।

## କେବେ ଓ କେମିତି ଯିବେ

ବର୍ଷସାରା କମ୍ଲଙ୍ଗ ବନ୍ୟପ୍ରାଣୀ ଅଭୟାରଣ୍ୟର ପାଣିପାଗ ବେଶ୍ ଅନୁକୂଳ ରହୁଥିବାରୁ, ପର୍ଯ୍ୟଟକ ଯେତେବେଳେ ଚାହିଁବେ ସେତେବେଳେ ଏଠାକୁ ବୁଲି ଆସିପାରିବେ। ହେଲେ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ର ଅନୁଯାୟୀ, ଏଠାକୁ ଯିବା ପାଇଁ ଅକ୍ଟୋବରରୁ ଏପ୍ରିଲ୍ ହେଉଛି ସବୁଠୁ ଭଲ ସମୟ। କାରଣ ଏହି ସମୟରେ ଅଭୟାରଣ୍ୟଟି ସବୁଜ ଗଛଲତାରେ ପରିପୂର୍ଣ୍ଣ ହୋଇରହିଥାଏ, ଯଦ୍ୱାରା ଫଟୋଗ୍ରାଫିରେ କୌଣସି ଅସୁବିଧା ହୁଏ ନାହିଁ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ଉତ୍ତମ ବ୍ୟବସ୍ଥା ରହିଛି। ପର୍ଯ୍ୟଟକ ଏଠାକୁ ଉଭୟ ରେଳପଥ, ସଡ଼କପଥ ତଥା ଆକାଶପଥରେ ଯାଇପାରିବେ।


## ରହିବାର ବ୍ୟବସ୍ଥା

ପର୍ଯ୍ୟଟକଙ୍କ ରହିବା ପାଇଁ ଏଠାରେ ଗେଷ୍ଟ ହାଉସ୍‌ର ସୁବିଧା ରହିଛି। ତା'ଛଡ଼ା ହୋଟେଲ୍, ଲଜ୍‌ର ବ୍ୟବସ୍ଥା ବି ଅଛି, ଯେଉଁଠାରେ ଖାଇବାର ଭଲ ବନ୍ଦୋବସ୍ତ ମଧ୍ୟ ରହିଛି।










# ଗଛ ଗୋଟିଏ, ଫଳ ୪୦ ପ୍ରକାର



ଫଳ ଅନେକଙ୍କର ପ୍ରିୟ ହୋଇଥାଏ। କାହାକୁ ସେଓ ଭଲ ଲାଗେ ତ କାହାକୁ କମଳା, ଆମ୍ବ, ନାସପାତି, ଲିଚୁ ଓ ଷ୍ଟ୍ରବେରୀ। କେହି କେହି ତ ମନପସନ୍ଦର ଫଳଗଛ ନିଜ ବାଡ଼ିରେ ଲଗାଇ ଦିଅନ୍ତି। ଯେମିତି କି ବଜାରକୁ ଯାଇ ସେହି ଫଳ ଖୋଜି କିଣିବାକୁ ନ ପଡ଼େ। ତେବେ ଜଣେ ବ୍ୟକ୍ତି ନିଜ ବାଡ଼ିରେ ଏମିତି ଏକ ଫଳ ଗଛ ଲଗାଇଛନ୍ତି, ଯାହା ତାଙ୍କୁ ଦେଉଛି ୪୦ ପ୍ରକାରର ଫଳ। କଥାଟି ଅବିଶ୍ୱସନୀୟ ଲାଗୁଥାଇପାରେ ହେଲେ ଏହା ସତ। ଆମେରିକାର ସେରାକ୍ୟୁଜ୍ ବିଶ୍ୱବିଦ୍ୟାଳୟରେ ଭିଜୁଆଲ ଆର୍ଟ ପ୍ରଫେସର୍ ଥିବା ୱାନ ଏକେନ୍ ପ୍ରସ୍ତୁତ କରିଛନ୍ତି ଏହି ଅଦ୍ଭୁତ ବୃକ୍ଷ। ୪୦ ପ୍ରକାରର ଫଳ ପ୍ରଦାନ କରୁଥିବା ଉକ୍ତ ଗଛ 'ଟ୍ରି ଅଫ୍ ୪୦' ନାମରେ ପରିଚିତ। ୨୦୦୮ରେ ସେ ଏହି ଗଛ ଲଗାଇଥିଲେ। ୱାନ୍ ନ୍ୟୁୟର୍କ ଷ୍ଟେଟ୍ ଏଗ୍ରିକଲଚରାଲ୍ ଏକ୍ସପେରିମେଣ୍ଟ କରିବା ସମୟରେ ଏକ ବଗିଚାକୁ ଦେଖିଥିଲେ ଯେଉଁଠି ୨୦୦ ପ୍ରକାରର କୋଳି ଓ ଆପ୍ରିକଟ୍ ଗଛ ଥିଲା। ଏହି ବଗିଚା ଫଣ୍ଡ ଅଭାବରୁ ବନ୍ଦ ହେବାକୁ ଯାଉଥିଲା। ଉକ୍ତ ବଗିଚାରେ ଅନେକ ବିରଳ ପ୍ରଜାତିର ବୃକ୍ଷ ଥିଲା। ୱାନଙ୍କ ଜନ୍ମ କୃଷକ ପରିବାରରେ ହୋଇଥିଲା। ତେଣୁ ତାଙ୍କର ଚାଷବାସରେ ବହୁତ ଆଗ୍ରହ ଥିଲା। ତେଣୁ ସେ ଏହି ବଗିଚାକୁ ଲିଜ୍‌ରେ ନେଇଗଲେ। ଆଉ ଗ୍ରାଫ୍ଟିଂ ପଦ୍ଧତି ମାଧ୍ୟମରେ ଟ୍ରି ଅଫ୍ ୪୦ ନାମକ ଏହି ଅଦ୍ଭୁତ ଗଛକୁ ତିଆରି କଲେ। ବର୍ତ୍ତମାନ ଏହି ଗଛରେ ଚେରି, ନେକ୍ଟରାଇନ, ବରକୋଳି, ପିଚ୍ ଭଳି ୪୦ ପ୍ରକାରର ଫଳ ଫଳୁଛି। ଆଉ ଉକ୍ତ ଗଛର ଦାମ ହେଉଛି ୧୯ ଲକ୍ଷ ଟଙ୍କା।





## କାର୍ଟୁନ କର୍ଣ୍ଣର





ରାମ ନାୟକ

## ଅଭିନୟକୁ ଭଲ ପାଉଥିବା ଅଭିନେତା

ଯାତ୍ରାଜଗତର ଜଣେ ସଫଳ କଳାକାର ହେଉଛନ୍ତି ରାମ ନାୟକ। ତାଙ୍କ ସଫଳତା ପଛର ସବୁଠୁ ବଡ଼ କାରଣ ହେଉଛି, ସେ କେବଳ ଅଭିନୟକୁ ଭଲପାଆନ୍ତି। ଗୋଟିଏ ଚରିତ୍ରରେ ବାନ୍ଧିହୋଇ ରହିବା ତାଙ୍କର ଇଚ୍ଛା ନୁହେଁ। ଚାକର ହେଉ କି କମେଡି ପୁଣି ଖଳ ହେଉ କି ଚରିତ୍ର ଭୂମିକା– ସବୁକିଛି କରିବାକୁ ସେ ତୟାର। ଆଉ ସେଇଥିରେ ତାଙ୍କର ଆତ୍ମତୃପ୍ତି। ରାମ କହନ୍ତି: ଯିଏ ସଚ୍ଚା କଳାକାର ସେ କ'ଣ କେବେ ଚରିତ୍ର ଦେଖେ? ଓଲଟି ତାକୁ ଯେଉଁ ଚରିତ୍ର ମିଳେ ସେ ସେଇଥିରେ ନିଜକୁ ମିଶେଇଦିଏ। ମଞ୍ଜୁରିରୋଡ୍‌ର ଶଙ୍ଖୁଳା ଗ୍ରାମରେ ଜନ୍ମିତ ରାମଙ୍କ ଯାତ୍ରାଜୀବନ ଆରମ୍ଭ ହୁଏ ୨୦୦୧ରେ। ଗାଁ ଡ୍ରାମାରୁ ସିଧା ଧଉଳି ଗଣନାଟ୍ୟ। ପ୍ରଥମ ନାଟକ 'ଜହ୍ନକୁ ଦେଇଛି ପୂନେଇ ରାଣ'। ତା'ପରଠୁ ସେ ଆଉ ପଛକୁ ଚାହିଁ ନାହାନ୍ତି। ଶୁଭମ୍, ଯାତ୍ରା ଟାଇଗର ତାରିଣୀ ଭଳି ବହୁ ଯାତ୍ରାନୁଷ୍ଠାନରେ କାମ କରି ଚଳିତ ବର୍ଷ ସେ ପହଞ୍ଚିଛନ୍ତି ବାଣେଶ୍ୱରୀ 'ଯାତ୍ରା ଗାଁ'ରେ। ଚଳିତବର୍ଷ 'ଯାତ୍ରା ଗାଁ'ରେ ତାଙ୍କ ଅଭିନୀତ ନାଟକ ମଧ୍ୟରେ ରହିଛି 'ଲୁହର ଓଜନ ଲୁହାଠୁ ବେଶି', 'ତୁ ମୋ ସପନରାଣୀ', 'ନାଁ ନେଇଗଲା ଗାଁ ଟୋକାଟା' ଏବଂ ଗୋପୀନାଥ ବାରିକଙ୍କ ରଚିତ 'ବାଃ ବାଃରେ ଉପରବାଲା'। ଦୀର୍ଘ ଅଠରବର୍ଷର ଯାତ୍ରା କ୍ୟାରିୟର ମଧ୍ୟରେ ରାମ ଅନେକ ସଫଳ ନାଟକରେ ଅଭିନୟ କରିସାରିଛନ୍ତି। ସେଥିମଧ୍ୟରେ ରହିଛି 'ଚୁପ୍‌ଚାପ୍ ରାତି ଚୁପ୍‌ଚାପ୍ କଥା', 'କୋଟିଏ ଝିଅରେ ଗୋଟିଏ ତୁ', 'ଦେଢ଼ଶୁର ନୁହେଁ ଦେଢ଼ ଈଶ୍ୱର', 'କାନ୍ଦିବାକୁ କିଏ ମନା କରୁଛି' ଏବଂ ଆହୁରି ଅନେକ। ତାଙ୍କୁ ସବୁଠୁ ଆତ୍ମସନ୍ତୋଷ ଦେଇଥିବା ନାଟକଟି ହେଉଛି 'ମଣିଷକୁ କି ଅବା ଭରସା', ଯେଉଁଥିରେ ସେ ଏକ ଚାକର ଭୂମିକାରେ ଅଭିନୟ କରିଥିଲେ। ଯାତ୍ରାରୁ ପାଇଛନ୍ତି କ'ଣ, ଆଉ ହରେଇଛନ୍ତି କ'ଣ ବୋଲି ପ୍ରଶ୍ନର ଉତ୍ତରରେ ରାମ କହନ୍ତି: ହରେଇନି କିଛି; ପାଇଛି ଅନେକ। ବିଶେଷକରି ଏଇ ଯାତ୍ରାରୁ ପାଇଛି ମୁଁ ମୋର ପ୍ରିୟବନ୍ଧୁ ଯାତ୍ରାପ୍ରେମୀ ବଳରାମ ଦାଶଙ୍କୁ। ତାଙ୍କ ବିଷୟରେ ଯେତେ କହିଲେ ବି କମ୍ ହେବ। କେବଳ ଏତିକି କହିବି– ମୁଁ ରାମ। ଆଉ ସେ ବଳରାମ।

# ସୁଶାନ୍ତ କାବେରୀ - ଲଭ୍ ଷ୍ଟୋରି

ସୁଶାନ୍ତଙ୍କ ଘର ଅନୁଗୋଳ। ଅନ୍ୟମାନଙ୍କ ପରି ସେ ଥିଲେ ଜଣେ ସାଧାରଣ ଯାତ୍ରା ଦର୍ଶକ। ଅନୁଗୋଳକୁ ଯେତେ ଯାତ୍ରାପାର୍ଟି ଆସୁଥିଲା, ସେ ସବୁଠି ଯାତ୍ରା ଦେଖୁଥିଲେ। ତେବେ ସେ କ'ଣ ଭୁଲ୍‌ରେ ସୁଦ୍ଧା ଏ କଥା ଭାବିଥିଲେ ଯେ, ଏମିତି ଦିନ ଆସିବ ଯେତେବେଳେ ସେ ଜଣେ ଯାତ୍ରା ନାୟିକାର ପ୍ରେମରେ ପଡ଼ିଯିବେ। ଆଉ ସେହି ନାୟିକା ଜଣକ ପାଲଟିଯିବେ ତାଙ୍କର ସବୁକିଛି। ହଁ, ସେମିତି ହିଁ ହେଲା। ସେ ଜଣେ ଯାତ୍ରା ନାୟିକାଙ୍କୁ ନିଜର ମନ ଦେଇଦେଲେ। ସେହି ନାୟିକା ଆଉ କେହି ନୁହନ୍ତି; ସେ ହେଉଛନ୍ତି ଜଲିଉଡ୍‌ର ଅନ୍ୟତମ ଲାସ୍ୟମୟୀ ନାୟିକା କାବେରୀ।

କାବେରୀଙ୍କ ପ୍ରେମରେ ପଡ଼ିବା ପରେ ସୁଶାନ୍ତଙ୍କ ଦୁନିଆ ବଦଳିଗଲା। ଯେଉଁଠି କାବେରୀଙ୍କ ଯାତ୍ରା ପଡ଼ିଲା ସୁଶାନ୍ତ ଯାଇ ସେଠାରେ ହାଜର। ନାଟକ ଯେତେଥର ରିପିଟ୍ ହେଉ ସୁଶାନ୍ତ ବସିଥିବେ ଆଗଧାଡ଼ିରେ। ତେବେ ଏ କଥା ଜାଣି ନ ଥାନ୍ତି କାବେରୀ। ହଁ, ସେ ଲକ୍ଷ୍ୟ କରୁଥାନ୍ତି; କେହି ଜଣେ ଯୁବକ ଆଗଧାଡ଼ିରେ ବସି ତାଙ୍କୁ ହିଁ ଏକ ଲୟରେ ଚାହିଁ ରହୁଛି। ଏହାକୁ ନେଇ ତାଙ୍କ ଭିତରେ କୌଣସି ପ୍ରତିକ୍ରିୟା ନ ଥାଏ।

ଏହା ସେହି ସମୟର କଥା, ଯେତେବେଳେ କାବେରୀ ଶିବାନୀ ଗଣନାଟ୍ୟରେ ଅଭିନୟ କରୁଥାନ୍ତି। ପାର୍ଟି ଅନୁଗୋଳରେ ପଡ଼ିଥାଏ। ସୁଶାନ୍ତ କାଇଦା କୌଶଳ କରି ପାର୍ଟିର ବରିଷ୍ଠ ଅଭିନେତା ଗୌରାଙ୍ଗ ସେନାପତିଙ୍କ ସହିତ ବନ୍ଧୁତା ସ୍ଥାପନ କରିନିଅନ୍ତି। ଆଉ ତାଙ୍କୁ ଅନୁରୋଧ କରନ୍ତି ଯେ, ମୋତେ ଥରେ କାବେରୀ ସହିତ ସାକ୍ଷାତ କରେଇଦିଅନ୍ତୁ। ବହୁ ଅନୁରୋଧ କରିବା ପରେ ଗୌରାଙ୍ଗବାବୁ କାବେରୀ ସହିତ ସୁଶାନ୍ତଙ୍କ ସାକ୍ଷାତ କରାନ୍ତି। କାବେରୀ ଭାବିନିଅନ୍ତି ଯେ, ସୁଶାନ୍ତ ତାଙ୍କର ଜଣେ ଫ୍ୟାନ୍ ହେଇଥାଇପାରନ୍ତି। ତେଣୁ ଭେଟିବାରେ ଅସୁବିଧା କେଉଁଠି? ଅଳ୍ପ କଥା, ସାଧାରଣ ସୌଜନ୍ୟ ସମ୍ଭାଷଣରେ ସେହି ସାକ୍ଷାତ ଶେଷହୁଏ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୁଶାନ୍ତ ସେହି ସାକ୍ଷାତ ସମୟରେ ହିଁ କାବେରୀଙ୍କ ଫୋନ୍ ନମ୍ବରଟିକୁ ତାଙ୍କଠାରୁ ହାସଲ କରିନିଅନ୍ତି। ଏହାପରେ ସମ୍ପର୍କ ବଢ଼େ। କଥା ଲମ୍ବେ। ଦିନେ ସୁଶାନ୍ତ ନିଜର ମନକଥା କୁହନ୍ତି କାବେରୀଙ୍କୁ ଯେ, ସେ ତାଙ୍କୁ ପ୍ରେମ କରୁଛନ୍ତି। ଆଉ ବାହା ହବାକୁ ଚାହୁଁଛନ୍ତି। ଏହା ଶୁଣି କାବେରୀ ଆକାଶରୁ ଖସିପଡ଼ନ୍ତି। ସେ ଜଣେ ଯାତ୍ରାପାର୍ଟି ଝିଅ। ସୁଶାନ୍ତ ଜଣେ ଯାତ୍ରା ବାହାରର ଯୁବକ। ଏ ସମ୍ପର୍କ କ'ଣ ସମ୍ଭବ? ସୁଶାନ୍ତ କହନ୍ତି : 'ମୁଁ ଆଉ ସବୁ ମ୍ୟାନେଜ୍ କରିନେବି। ତୁମେ ମୋତେ ଏତିକି କୁହ ଯେ, ତମେ ମୋତେ ଭଲପାଉଛ ନା ନାହିଁ। ତମେ ମୋତେ ମ୍ୟାରେଜ୍ କରିବାକୁ ରାଜିଅଛ ନା ନାହିଁ।'

ଅବଶ୍ୟ କାବେରୀଙ୍କର ସୁଶାନ୍ତଙ୍କୁ ନେଇ କୌଣସି ଆପତ୍ତି ନ ଥିଲା। ସେ ବି ନିଜର ସମ୍ମତି ଜଣେଇଲେ। ବାସ୍, ପ୍ରେମର ଗାଡ଼ିକୁ ମିଳିଗଲା ଏକ ଲମ୍ବା ରାଜପଥ। ଏବେ ବାହାଘର। ପ୍ରେମର ରାଜପଥ ସିନା ସଳଖ ଥିଲା; ହେଲେ ବାହାଘର ରାସ୍ତା ଥିଲା ଅନେକ ଅଙ୍କାବଙ୍କା। ନା ଏ ବାହାଘରକୁ ସୁଶାନ୍ତଙ୍କ ଘରେ ସମ୍ମତି ଦେଲେ ନା କାବେରୀଙ୍କ ଘରେ ସମର୍ଥନ କଲେ। ସୁଶାନ୍ତଙ୍କ ଘରଲୋକେ ଲାଗି ପଡ଼ିଲେ ପ୍ରେମକୁ ଭାଙ୍ଗିଦବା ପାଇଁ। ମାତ୍ର ପ୍ରେମର ଶକ୍ତି ନିକଟରେ ସେମାନଙ୍କର ସବୁ ପ୍ରୟାସ ହାର ମାନିଲା। ପରିସ୍ଥିତି ଏମିତି ହେଲା, କାବେରୀଙ୍କୁ ମଧ୍ୟ ପ୍ରେମ ପାଇଁ ଶିବାନୀ ଗଣନାଟ୍ୟ ଭଳି ଯାତ୍ରା ପାର୍ଟି ଛାଡ଼ିବାକୁ ପଡ଼ିଲା। ସେତିକି ନୁହେଁ, କାବେରୀଙ୍କୁ ପାଇବା ପାଇଁ ସୁଶାନ୍ତ ନିଜ ଘର ପରିବାର ଛାଡ଼ି କାବେରୀଙ୍କ ନିକଟକୁ ଚାଲି ଆସିଲେ। ସୁଶାନ୍ତ ଯାତ୍ରା ଆର୍ଟିଷ୍ଟ ନ ଥିଲେ। ତେଣୁ ଯାତ୍ରାରେ ରହିବା ତାଙ୍କ ପାଇଁ ସହଜ କଥା ନ ଥିଲା। ଅପରପକ୍ଷରେ, କାବେରୀ ସ୍ୱାମୀଙ୍କୁ ପାଖଛଡ଼ା କରିବାକୁ ଚାହୁଁ ନ ଥିଲେ। ଏ ସମସ୍ୟା ବି ସମାଧାନ ହୋଇଗଲା। ସୁଶାନ୍ତ ନିଜକୁ ଜଣେ ଯାତ୍ରା ପାର୍ଟିର ପରିଚାଳକ ଭାବେ ପ୍ରତିଷ୍ଠିତ କରାଇଲେ। ଏବେ ଉଭୟ ପରିବାର ଖୁସ୍। କାବେରୀ–ସୁଶାନ୍ତ ବି ଖୁସ୍।






## ଶ୍ରୁତିରୁ ପ୍ରାମାଣିକ

ବେଦକୁ ପବିତ୍ର ବୋଲି କୁହାଯାଇଥାଏ। ଏହାର ଆଉ ଏକ ନାମ ଶ୍ରୁତି। କାରଣ, ଏହାକୁ ଶୁଣିଶୁଣି ମନେ ରଖାଯାଇଥାଏ। ପୌରାଣିକ କଥା ଓ କାହାଣୀ ଅନୁଯାୟୀ, ସର୍ବପ୍ରଥମେ ଈଶ୍ୱର ଋଷିମାନଙ୍କୁ ବେଦ ଶୁଣାଇଥିଲେ। ସେମାନେ ତାହାକୁ ଶୁଣିଶୁଣି ମନେ ରଖିଥିଲେ ଓ ତାହାକୁ ଅନ୍ୟମାନଙ୍କୁ ଶୁଣେଇଥିଲେ। ଏହା ପଛରେ ଥିଲା ଜଗତ ମଙ୍ଗଳର ଉଦ୍ଦେଶ୍ୟ। ପରେପରେ ତାହାକୁ ତାଳପତ୍ର ବା ଭୁର୍ଜପତ୍ର ପୋଥିରେ ପରିଣତ କରାଗଲା। ଅନେକଦିନ ପର୍ଯ୍ୟନ୍ତ ସେହି ପୋଥି ସବୁ ହିଁ ଜ୍ଞାନର ଗନ୍ତାଘର ହୋଇ ରହିଥିଲା। ଏହାର କୌଣସି ନିର୍ଦ୍ଦିଷ୍ଟ ପ୍ରାମାଣିକ ସଂସ୍କରଣ ପ୍ରସ୍ତୁତ ହୋଇ ନ ଥିଲା। 'ଋଗ୍‌ବେଦ'ର ଏକ ପ୍ରାମାଣିକ ସଂସ୍କରଣ ପ୍ରକାଶ ପାଇଛି। ପୁନେର ଏକ ଗୁରୁକୁଳ 'ବେଦଭବନ' ଏଭଳି ପଦକ୍ଷେପ ଗ୍ରହଣ କରିଛି। ବେଦ ସମ୍ପର୍କରେ ସବିଶେଷ ଜ୍ଞାନ ତଥା ସଠିକ ଧାରଣା ଏହି ବହିରୁ ହିଁ ମିଳିପାରିବ ବୋଲି ଗୁରୁକୁଳ ପକ୍ଷରୁ କୁହାଯାଇଛି।

ବ୍ୟାକ୍ ପେଜ୍









# ଅଜବ ଅଟୋ

ବିବିଧତାର ଦେଶ ଭାରତ। ଏଠି ଜାତି, ଧର୍ମ, ବର୍ଣ୍ଣ ସବୁଥିରେ ରହିଛି ବିବିଧତା। ଏହି ବିବିଧତା ମଧ୍ୟରେ ଅନେକ କିଛି ଅଜବ ବି ଦେଖିବାକୁ ମିଳେ। ଠିକ୍ ଯେମିତି ଏଇ କିଛି ଅଟୋ। ଯାତ୍ରୀଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଉଥିବା ଏହି ଅଟୋଗୁଡ଼ିକ ସାଧାରଣ ଅଟୋଠାରୁ ଭିନ୍ନ। କାରଣ ଯାତ୍ରୀଙ୍କୁ ଆକର୍ଷିତ କରିବା ପାଇଁ ଏହାର ମାଲିକମାନେ ଏହାକୁ ଦେଇଛନ୍ତି ଅଜବ ରୂପ। କିଏ ଏହାକୁ ହେଲିକପ୍ଟର ଲୁକ୍ ଦେଇଛନ୍ତି ତ ଆଉ କିଏ ନିଜ ଅଟୋରେ ବିଭିନ୍ନ ଗାଡ଼ିର ଅଂଶକୁ ସଂଯୋଗ କରି ଦେଇଛନ୍ତି ଭିନ୍ନ ଏକ ଲୁକ୍। କେଉଁଠି ଦେଖିବେ ଡବ୍‌ଲ ଡେକର୍ ଅଟୋ ତ କେଉଁଠି ଘୋଡ଼ା ଟାଣୁଛି ଅଟୋ। ଏସବୁ ଦେଖିବାକୁ ଲାଗେ ବେଶ୍ ମଜାଦାର।





# ପ୍ରାଣୀ ପରି ଚାଲନ୍ତି ୫ ଭାଇଭଉଣୀ

ପୃଥିବୀରେ ଏମିତି ଅନେକ ଲୋକ ଅଛନ୍ତି, ଯେଉଁମାନେ ବିଭିନ୍ନ ଅଜବ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ଡାକ୍ତର ଓ ଗବେଷକମାନେ ଏଭଳି ରୋଗ ଉପରେ ଅନେକ ଗବେଷଣା କରନ୍ତି। କିଛି ରୋଗର କାରଣ ଜଣାପଡ଼ିବା ସ୍ଥଳେ ଆଉ କିଛି ରୋଗର କାରଣ ରହିଯାଏ ରହସ୍ୟ ହୋଇ। ସେମିତି ଏକ ରୋଗରେ ପୀଡ଼ିତ ଅଛନ୍ତି ତୁର୍କୀର ଏକ ପରିବାରର ୫ ଭାଇଭଉଣୀ। ଏହି ପରିବାର ବୈଜ୍ଞାନିକମାନଙ୍କ ପାଇଁ ବି ରହସ୍ୟ ହୋଇରହିଛନ୍ତି। ଏମାନଙ୍କ ଚାଲିବାଶୈଳୀ ସମସ୍ତଙ୍କୁ ଚକିତ କରାଏ। କାରଣ ସେମାନେ ପାଦ ସହ ଦୁଇ ହାତ ବ୍ୟବହାର କରି ପ୍ରାଣୀଙ୍କ ଭଳି ଚାଲନ୍ତି। ଏମିତିକି ସେମାନେ ଅଧିକ ସମୟ ସିଧାହୋଇ ଠିଆ ହୋଇପାରନ୍ତି ନାହିଁ। ୨୦୦୫ରେ ଏହି ଭାଇଭଉଣୀ ଦୁନିଆ ସାମ୍‌ନାକୁ ଆସିଥିଲେ। ତୁର୍କୀର ହେତି ପ୍ରାନ୍ତରେ ରହନ୍ତି ଏହି ପରିବାର। ଏଥିରେ ରହୁଥିବା ୫ ଭାଇଭଉଣୀଙ୍କର ବୟସ ୨୫– ୪୦ ମଧ୍ୟରେ। ଏମାନଙ୍କୁ ଚଲାବୁଲାରେ କଷ୍ଟ ହୁଏ। ହାତଗୋଡ଼ ମିଶାଇ ସେମାନେ ପ୍ରାଣୀଙ୍କ ଭଳି ଚାଲନ୍ତି। କାରଣ ସେମାନଙ୍କ ଆଣ୍ଠୁ ଓ କହୁଣୀ ସବୁବେଳେ ମୋଡ଼ିହୋଇ ରହିଥାଏ। ବହୁତ କମ୍ ସମୟ ଏମାନେ ତାକୁ ସିଧା କରିପାରନ୍ତି। ଆଶ୍ଚର୍ଯ୍ୟର କଥା ଏମାନଙ୍କ ମା'ବାପା ସାଧାରଣ ମଣିଷଙ୍କ ଭଳି ସାମାନ୍ୟ। ତାଙ୍କର ଅନ୍ୟ ୧୪ ଭାଇଭଉଣୀ ବି ସାମାନ୍ୟ। ଏହି ୫ ଭାଇଭଉଣୀଙ୍କ ଉପରେ ବହୁତ ଗବେଷଣା କରାଯାଇଛି। କିଛି ଗବେଷଣା କହେ, ଆନୁବଂଶିକ କାରଣରୁ ଏଭଳି ହୋଇଛି। କିଛି ବୈଜ୍ଞାନିକ କହନ୍ତି ସେମାନେ କୌଣସିଦୁର୍ଲଭ ରୋଗରେ ଆକ୍ରାନ୍ତ। ଆଉ କିଛି ଗବେଷଣା କହେ, ଏହା ସେରିବେଲର ହାଇପୋପ୍ଲାସିଆ କାରଣରୁ ହୋଇଥାଏ। ଏଥିରେ ଶରୀରର ସନ୍ତୁଳନ ରକ୍ଷା କରିବା କ୍ଷମତା ରହି ନ ଥାଏ। ମିଡିଆ ରିପୋର୍ଟ ଅନୁସାରେ ତୁର୍କର ଜଣେ ବାୟୋଲୋଜିଷ୍ଟ ଦାବି କରିଛନ୍ତି ଯେ, ଏହି ଭାଇଭଉଣୀ ଉନର ଟୈନ ସିଣ୍ଡ୍ରୋମ୍‌ରେ ଗ୍ରସ୍ତ। ସେମାନଙ୍କର ବ୍ରେନ୍ ଡ୍ୟାମେଜ୍ ସମସ୍ୟା ବି ରହିଛି। ସେମାନଙ୍କ କହିବାନୁସାରେ ଯେଉଁମାନେ ଏହି ସିଣ୍ଡ୍ରୋମରେ ଆକ୍ରାନ୍ତ ହୋଇଥାଆନ୍ତି ସେମାନେ ହାତ ଗୋଡ଼ ଉଭୟ ବ୍ୟବହାର କରି ଚାଲନ୍ତି। ସେମାନଙ୍କର କହିବା ଶକ୍ତି ଓ ମାନସିକ ବିକାଶ ପ୍ରଭାବିତ ହୋଇଥାଏ। ସେମାନଙ୍କ ହିସାବରେ ଏହି ପରିବାର ଓଲଟା ବିକାଶ ବା ରିଭର୍ସ ବିକାଶର ଉଦାହରଣ ନୁହନ୍ତି।